## ସଂକ୍ଷେପରେ

### ସୋରଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଜଟିଳ ଅସ୍ତ୍ରୋପଚାର

**ସୋରଡା,୨୫।୨(ଡି.ଏନ୍.ଏ.):** ଏଣିକି ଜଟିଳ ଅସ୍ତ୍ରୋପଚାର ପାଇଁ ଆଉ ବ୍ରହ୍ମପୁର ବଡ ଡାକ୍ତରଖାନା ଯିବାକୁ ପଡିବ ନାହିଁ। ସୋରଡା ସ୍ୱାସ୍ଥ୍ୟକେନ୍ଦ୍ରର ନବନିଯୁକ୍ତ ଡାକ୍ତର ସନ୍ତୋଷ କୁମାର ପଣ୍ଡା ଏଭଳି ଏକ ଜଟିଳ ଅସ୍ତ୍ରୋପଚାର ସଫଳ ଭାବେ କରିବା ପରେ ଏହା କହିଛନ୍ତି। ସୋମବାର ଗାଜଲବାଡି ପଞ୍ଚାୟତ ଆମ୍ବକୋଣ ଗ୍ରାମର ଧନୁ ମଲିକଙ୍କ ପୁଅ ମୁନା ବାଇକ ଦୁର୍ଘଟଣାରେ ଗଭୀର ଭାବେ ଆହତ ହୋଇଥିଲେ। ଗୋଡର ହାଡ ଓ ମୁଣ୍ଡର ଖପୁରି ଦେଖା ଯାଉଥିଲା। ପୂର୍ବରୁ ଏଭଳିସ୍ଥଳେ ଆହତଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଉଥିଲା। ମାତ୍ର ଡାକ୍ତର ପଣ୍ଡା ୨ଜଣ ଫାର୍ମାସିଷ୍ଟଙ୍କ ସହ ମିଶି ୩୦ ମିନିଟ୍‌ରେ ସଫଳ ଭାବେ ଅସ୍ତ୍ରୋପଚାର କରିଛନ୍ତି। ମୁନା ଏବେ ସୁସ୍ଥ ଅଛନ୍ତି।

### ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

**ପାଟପୁର,୨୫।୨:** ସାନଖେମୁଣ୍ଡି ବ୍ଲକ ବିଜ୍ଞାନ ମହାବିଦ୍ୟାଳୟ ପୋଡ଼ାମାରିଠାରେ ଦୀର୍ଘ ୧୨ ଦିନ ଧରି ଅନୁଷ୍ଠିତ ହେଉଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଇ.ପ୍ରଦୀପ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟାପକ ତଥା ଜିଲା ନୋଡାଲ ଅଫିସର ଅମୃତ କୁମାର ସେଠୀ ଓ ସମ୍ମାନିତ ଅତିଥି ଭାବେ ପାଟପୁର ଏସ୍‌ଆଇ ଶୁଭ୍ରଜିତ ସାମନ୍ତରା ଯୋଗ ଦେଇଥିଲେ। ସଂଯୋଜିକା ରଞ୍ଜିତା ପ୍ରଧାନ, ସୁମିତ୍ରା ଦେବୀଙ୍କ ସହ ଅଧ୍ୟାପକ ସତ୍ୟା ଶରଣ ପାଢ଼ୀ, ପ୍ରଭୁଦତ୍ତ ବ୍ରହ୍ମା ମଞ୍ଚାସୀନ ଥିବା ବେଳେ ଅଧ୍ୟାପକ ଦୁର୍ଯ୍ୟୋଧନ ଜେନା କାର୍ଯ୍ୟକ୍ରମକୁ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନର ରଶ୍ମିତା ସାହୁ ଓ ଉଷାରାଣୀ ଦୋରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ଦ୍ୱାରା ଆତ୍ମସୁରକ୍ଷା କୌଶଳ ପ୍ରଦାନ କରାଯାଇ ମାନପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୋଡ଼ାମାରି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ସହ ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

### ବ୍ରାହ୍ମଣୀ ଦେବୀ ମନ୍ଦିର ପରିଚାଳନା କମିଟି ଗଠିତ

**ଫୁଲବାଣୀ ଅଫିସ, ୨୫।୨:** ଫୁଲବାଣୀ ଆମଲାପଡା ସ୍ଥିତ ମା' ବ୍ରାହ୍ମଣୀ ଦେବୀ ପରିଚାଳନା କମିଟିର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ କେ.ଲକ୍ଷ୍ମୀନାରାୟଣ ଦୋରା, ଉପ ସଭାପତି ତପନ ତ୍ରିପାଠୀ, ସାଧାରଣ ସମ୍ପାଦକ ବୈଦ୍ୟନାଥ ବେହେରା, ଯୁଗ୍ମ ସମ୍ପାଦକ ସନ୍ଦୀପ ମହାନ୍ତି, ସଂଗଠନ ସମ୍ପାଦକ ମହାଦେବ ସାହୁ, କୋଷାଧ୍ୟକ୍ଷ ଶଙ୍କର ଦୋରା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ଦୁର୍ଗା ପ୍ରସାଦ ତ୍ରିପାଠୀ, ସୀମାଞ୍ଚଳ ପଟ୍ଟନାୟକ, ରାମଚନ୍ଦ୍ର ସେନାପତି, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ବେହେରା, ସୀମାଞ୍ଚଳ ଆଚାର୍ଯ୍ୟ, ବଳଭଦ୍ର ପାଣିଗ୍ରାହୀ, ସିଦ୍ଧେଶ୍ୱର ଦାସ, ସୁନାସୀର ମହାପାତ୍ର, ସରୋଜ ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, ଜଗଦାନନ୍ଦ ପାତ୍ର, ଗୌତମ କହଁର, ପୂଜାରୀ ପଦ୍ମ ଚରଣ ମହାନ୍ତି, ଦୁର୍ଯ୍ୟୋଧନ ବେହେରା, ରାକେଶ ରଞ୍ଜନ ବେହେରା, ଏ.ଲ. କୁମାର ପାତ୍ର, ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟନାରାୟଣ ମହାପାତ୍ର ମନୋନୀତ ହୋଇଛନ୍ତି।

# ବିଏସ୍‌ଏନ୍‌ଏଲ୍ ଅସ୍ଥାୟୀ କର୍ମଚାରୀଙ୍କୁ ମିଳୁନି ଦରମା

■ ୩୦ଦିନ କାମକୁ ୧୭ଦିନର ବିଲ୍

■ କାର୍ଯ୍ୟାଳୟ ଚଳାଉଛନ୍ତି ଅସ୍ଥାୟୀ କର୍ମଚାରୀ

**ଭଞ୍ଜନଗର,୨୫।୨(ଡି.ଏନ.ଏ)**



ରଷିକେଶ ପୋଲେଇ ନୂଆ ଫୋନ କିଣି ନେଉଛନ୍ତି।

ବିଏସ୍‌ଏନଏଲ୍ କମ୍ପାନୀରୁ ଛଟେଇ କର୍ମଚାରୀଙ୍କ ସ୍ଥାନରେ ପ୍ରାୟ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉନାହିଁ। ବ୍ରହ୍ମପୁର ବିଏସ୍‌ଏନ୍‌ଏଲ ଜୋନରେ କାର୍ଯ୍ୟରତ ପ୍ରାୟ ୨୫୦ କର୍ମଚାରୀଙ୍କୁ ୧୧ ମାସ ହେବ ଦରମା ମିଳିନାହିଁ। ମାସସାରା କାମ କଲେ ମାତ୍ର ୧୭ ଦିନର ବିଲ୍ ହେଉଛି। ତାହା ମଧ୍ୟ ନିୟମିତ ମିଳୁନାହିଁ। ତେଣୁ କର୍ମଚାରୀମାନେ ମାନସିକ ଚିନ୍ତାରେ ଅଛନ୍ତି। ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ଦରମା ଦେବାକୁ ଆଜିକାଲି କହି ଦିନ ଗଡାଉଛନ୍ତି। ତୁରନ୍ତ ସରକାର ଅସ୍ଥାୟୀ କର୍ମଚାରୀଙ୍କ କଥା ବିଚାରକୁ ନେବାର ଆବଶ୍ୟକତା ରହିଛି। ଅପରପକ୍ଷେ ଭଞ୍ଜନଗର ବ୍ଲକ କୁପାଟି, ଦୋମୁହାଣି, ଗସମା, ବାଇବାଲି ପ୍ରମୁଖ ଅଞ୍ଚଳରେ କୌଣସି ମୋବାଇଲ କମ୍ପାନୀର ସେବା ମିଳୁନାହିଁ। ଘରୁ ବାହାରକୁ ଆସିଲେ ସିଗ୍‌ନାଲ ମିଳୁଛି। ଯାହାକୁନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏଭଳି ପରିସ୍ଥିତିରେ ବିଗତ କିଛିଦିନ ହେବ କେପିଟିର କିଛିବ୍ୟକ୍ତି ବିଏସ୍‌ଏନ୍‌ଏଲ୍ ଏଫ୍‌ଡବ୍ଲ୍ୟୁପି (ଫିକ୍ସଡ୍ ୱେୟାର୍‌ଲେସ୍ ଫୋନ୍) କିଣୁଛନ୍ତି। ବିଦ୍ୟୁତ୍ ଚାଲିଗଲେ ଅନେକ ଟାୱାର ଅଚଳ ହୋଇପଡୁଛି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ଭଞ୍ଜନଗର ଟେଲିଫୋନ୍ କାର୍ଯ୍ୟାଳୟରେ ୩୩ଜଣ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ୪ଜଣ ନିୟମିତ କର୍ମଚାରୀ ଅଛନ୍ତି। ସେଥିରେ ୩ଜଣ ଯନ୍ତ୍ରୀ ଅଛନ୍ତି। ଜଣେ ଯନ୍ତ୍ରୀ ଚଳିତ ମାସରେ ଅବସର ନେବେ। କାର୍ଯ୍ୟାଳୟକୁ ଅସ୍ଥାୟୀ କର୍ମଚାରୀମାନେ ଚଳାଉଥିଲେ ମଧ୍ୟ ସରକାର ସେମାନଙ୍କ କଥା ବିଚାରକୁ ନେଉନାହାନ୍ତି। ଯାହାକି କମ୍ପାନୀର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ଦେଖାଦେଇଛି।

**ସେମାନେ କୁହନ୍ତି...**

" ମୋବାଇଲ ଫୋନ୍ ଘରେ ଠିକ୍ ଭାବେ ଲାଗୁନାହିଁ। ଗାଁ ଠାରୁ କିଛିଦୂର ଯିବାପରେ ଫୋନ ଲାଗୁଛି। ବାହାରେ କାମ କରୁଥିବା ପୁଅମାନେ ହଠାତ୍ ଫୋନ କଲେ ଫୋନ ଲାଗୁନାହିଁ। ତେଣୁ ବିଏସ୍‌ଏନ୍‌ଏଲର ୱାୟାରଲେସ୍ ଫୋନଟିଏ କିଣି ଆଣିଛି। ଆଣ୍ଟିନା ଲଗାଇବା ପରେ ତାହା ମଧ୍ୟ କାମ ଦେଉଛି।

**ରିଷିକେଶ ପୋଲେଇ, ଫୋନ୍ କଣିଥିବା ବ୍ୟକ୍ତି**

" ରାଜ୍ୟ ସଂଘର ବୈଠକ ଭୁବନେଶ୍ୱରରେ ହୋଇଛି। ସଂଘର ନିଷ୍ପତ୍ତିକ୍ରମେ ଆଗାମୀ ପଦକ୍ଷେପ ନେବୁ। ଏତେଦିନ ପର୍ଯ୍ୟନ୍ତ ଦରମା ପ୍ରଦାନ କରା ନ ଯିବା ଦ୍ୱାରା କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

**ଦିଲୀପ ଜେନା, ଭଞ୍ଜନଗର ଶାଖା ସଭାପତି**

" କେନ୍ଦ୍ର ସରକାର ଘରୋଇ କମ୍ପାନୀକୁ ବଞ୍ଚାଇବାକୁ ଯାଇ ସରକାରୀ କମ୍ପାନୀ ବିଏସ୍‌ଏନଏଲକୁ ବୁଡାଇବା ଯୋଜନା କରିଛନ୍ତି। ଏହାଦ୍ୱାରା ଅନେକ କର୍ମଚାରୀ ଚାକିରି ହରାଇବେ। ସରକାରଙ୍କ ଏଭଳି କର୍ମଚାରୀମାରଣ ନୀତିକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ କରାଯିବ।

**ହରିକୃଷ୍ଣ ସାହୁ, ଶ୍ରମିକ କର୍ମଚାରୀ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଚିଲା ବାଳରେ ମହଣ**
**ବୁଢ଼ୀ ଚହଟ ଦେଖିବ କଅଣ ?**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ରହିଥାଏ ଅହେତୁକ ଦୁର୍ବଳତା। ବୟସ ଯେତେ ବଢ଼ି ବଢ଼ି ଯାଉଥିଲେ ମଧ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନ ଥାଏ। ଉତ୍ତୀର୍ଣ୍ଣ ବୟସରେ ଉପନୀତ ହୋଇଥିବା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପାଟହାତୀ ଚାଲେ ଝୁଲି**
**ଥିର ପାଣି ସିନା ପଥର କାଟେ ଲୋ**
**ତୂନୀ ଯେ ମୁନିଠୁଁ ବଳି।**

ଧୈର୍ଯ୍ୟର ସହିତ କାର୍ଯ୍ୟ କଲେ ଅସାଧ୍ୟ ସାଧନ କରାଯାଇପାରେ ବା କାର୍ଯ୍ୟ ସଫଳ ହୋଇଥାଏ। ଧୀରସ୍ଥିର ଚିତ୍ତବିନା ସଫଳତା ପ୍ରାପ୍ତି ଅସମ୍ଭବ। ସେହିପରି ମୌନ ରହୁଥିବା ଲୋକ ମୁନିଠାରୁ ମଧ ବଡ଼ ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଭଞ୍ଜନଗର,୨୫।୨(ଡି.ଏନ.ଏ)**



ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରାଯାଉଛି।

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଶତାଧିକ ଦିବ୍ୟାଙ୍ଗ ପ୍ରମାଣପତ୍ର ନିମନ୍ତେ ଆବେଦନ କରିବାକୁ ଆସିଥିଲେ। ଭଞ୍ଜନଗର ଦିବ୍ୟାଙ୍ଗ ସଂଘ ପକ୍ଷରୁ ସଭାପତି ଡି. ଚେଲପତି ରାଓ ଶିବିରରେ ଲୋକଙ୍କୁ ମାଗଣାରେ ଆବେଦନ ପତ୍ର ଯୋଗାଇବା ବ୍ୟବସ୍ଥା କରିଥିଲେ। ଯୋଗ୍ୟ ହିତାଧିକାରୀମାନଙ୍କୁ ବସ୍, ଟ୍ରେନ୍ ପାସ୍, ବିଭିନ୍ନ ଭତ୍ତା ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ମିଳିବ। ଆଗାମୀ ଦିନରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ଏଥିନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଶିବିର ଆୟୋଜନ ହେବ। ଅନ୍ୟପକ୍ଷରେ ଭଞ୍ଜନଗର ମେଡ଼ିକାଲରେ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେବା ପାଇଁ ମଧ ପ୍ରସ୍ତୁତି ଚାଲିଛି। ଜିଲା ପ୍ରଶାସନର ଅନୁମତି ମିଳିବା ପରେ ଆଗକୁ ଏହା କାର୍ଯ୍ୟକାରୀ ହେବ। ଶିବିରକୁ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଅନିଲ କୁମାର ସେଠୀ, ଏବିଡିଓ ଭଜରାମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ଶୂଳପାଣି ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଗଞ୍ଜେଇ ଜବତ, ମହିଳା ସମେତ ୨ ଗିରଫ

**ଜି.ଉଦୟଗିରି,୨୫।୨(ଡି.ଏନ.ଏ.)**

ଜି.ଉଦୟଗିରି ପୋଲିସ ମଙ୍ଗଳବାର ଗୋଟିଏ କାର୍‌ରୁ ୪୦ କେଜି ଗଞ୍ଜେଇ ଜବତ କରିବା ସହିତ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଫିରିଙ୍ଗିଆର ନତାରାଣୀ ନାୟକ ଓ ଟିକାବାଲି ଥାନା ସୁନାପାଙ୍ଗାର ଫକିର ବେହେରା। ଜି.ଉଦୟଗିରି ପୋଲିସ ଗ୍ରେସିଙ୍ଗିଆ ଛକରେ ଯାନବାହାନ ଯାଞ୍ଚ କରୁଥିବା ସମୟରେ ଉକ୍ତ କାର ଚାଳକ ଉପଯୁକ୍ତ କାଗଜପତ୍ର ଦେଖାଇ ନ ପାରିବା ଯୋଗୁ ସନ୍ଦେହରେ କାରକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ କାର୍‌ରୁ ୪୦ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୋଲିସ କାର୍ ସହ ଗଞ୍ଜେଇ ଜବତ କରି ନଂ. ୧୪/୨୦ରେ ମାମଲା ରୁଜୁ କରିଛି।

# ଗଞ୍ଜେଇ ଜବତ, ୩ ଗିରଫ



ଗିରଫ ୩ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

**ମୋହନା,୨୫।୨(ଡି.ଏନ୍.ଏ.)**

ଅଡବା ଥାନା ଚୂଡଙ୍ଗପୁର ଓ ଅନ୍ତରବା ମଧ୍ୟବର୍ତ୍ତୀ ମୁଖ୍ୟ ସଡକ ନିକଟରୁ ମଙ୍ଗଳବାର ଭୋର୍‌ରେ ଏକ କାରରୁ ପୋଲିସ ୭୬.୨୦୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଜପତି ଜିଲା ରାୟଗଡ ବ୍ଲକର ମନୋନୀତ ମାଳି (୨୯), କିଶୋର କୁମାର ପରିଚ୍ଛା (୪୫), ଶିବ କୁମାର ପରିଚ୍ଛା (୨୭)। ଅଭିଯୁକ୍ତମାନେ ଚୁଡଙ୍ଗପୁର ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଏକ କାର୍‌ରେ ଭୁବନେଶ୍ୱର ଅଭିମୁଖେ ନେଉଥିବା ବେଳେ ଖବର ପାଇ ଅଡବା ଥାନା ଅଧିକାରୀ ଆଲୋକ ରଞ୍ଜନ ଜଗଦଲା ସଦଳବଳ ଚଢାଉ କରିଥିଲେ। କାର ସହ ଗଞ୍ଜେଇ ଜବତ ହୋଇଛି।

# ସରିଲା ସମ୍ପର୍କ ଶିବିର

**ଫୁଲବାଣୀ ଅଫିସ, ୨୫।୨**

ରାଜ୍ୟ ସରକାରଙ୍କ ମୋ ସରକାର ଅନ୍ତର୍ଗତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଚାଲିଥିବା ସମ୍ପର୍କ ଶିବିର ଶେଷ ହୋଇଛି। ମଙ୍ଗଳବାର ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଶେଷ ଶିବିର ହୋଇଥିଲା। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ଏଥିରେ ପୌରୋହିତ୍ୟ କରି ସମ୍ପର୍କ ଶିବିର ଆୟୋଜନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସରକାର ଜନଜାତିମାନଙ୍କ ପାଇଁ ପ୍ରଚଳନ କରିଥିବା ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ସଚେତନ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ବ୍ଲକ ଅଧ୍ୟକ୍ଷା ମଞ୍ଜୁଦେବୀ କହଁର, ବିଡିଓ ସୁବ୍ରତ କୁମାର ଜେନା, ସିଡିପିଓ ସୁବର୍ଣ୍ଣବାଳା ନାୟକ, ଜିଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରା, ପ୍ରବେଶନାରୀ ଓଏଏସ ବିଶ୍ୱଜିତ୍ ରାୟ, ମେଡିକାଲ ଅଫିସର ପ୍ରଶାନ୍ତ କୁମାର ମହାପାତ୍ର, ସୁପରଭାଇଜର ସନ୍ଧ୍ୟାରାଣୀ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ଯେଭଳି ହିତାଧିକାରୀମାନେ ପାଇବେ, ସେ ବିଷୟରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗରେ ଚାଲିଥିବା ଯୋଜନା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଜୀବିକା ପ୍ରକଳ୍ପର ସଂଯୋଜକ ବୈଦ୍ୟନାଥ ଖଟୁଆ ପରିଚାଳନା କରିଥିବା ବେଳେ ବହୁ ସଂଖ୍ୟାରେ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା, ଜନ ପ୍ରତିନିଧି ଏବଂ ସାଧାରଣ ଲୋକେ ଉପସ୍ଥିତ ଥିଲେ।

## 'ବିଧାତାର ଖେଳ' ମଞ୍ଚସ୍ଥ

**ଖଜୁରିପଡ଼ା,(ଡି.ଏନ.ଏ.)/ ବଲସକୁମ୍ପା,୨୫।୨**

ଖଜୁରିପଡ଼ା ବ୍ଲକ ଦୁତିମେଣ୍ଡି ପଞ୍ଚାୟତ ସମ୍ବେପଦରସ୍ଥିତ ବାବା ସୋମନାଥଙ୍କ ଜାଗର ଯାତ୍ରା ଅବସରରେ ଏକ ନାଟକ 'ବିଧାତାର ଖେଳ' ମଞ୍ଚସ୍ଥ ହୋଇଯାଇଛି। ସମ୍ବେପଦର ଏବଂ ଦୁତିମେଣ୍ଡି ଉତ୍କଳମଣି ଯୁବକ ସଂଘ ଆନୁକୂଲ୍ୟରେ ଶିବ ପ୍ରସାଦ ନନ୍ଦଙ୍କ ନିର୍ଦ୍ଦେଶନାରେ ଏହି ସାମାଜିକ ନାଟକ ମଞ୍ଚସ୍ଥ ହୋଇଛି। ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ମଞ୍ଚ ଉଦଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ସୌଦାମିନୀ କହଁର, ସିନେ ଅଭିନେତା ତଥା କଣ୍ଠଶିଳ୍ପୀ ଜଳନ୍ଧର ବେହେରା, ସରପଞ୍ଚ ଧନେଶ୍ୱର ମଲ୍ଲିକ, ସମିତିସଭ୍ୟ ବେଲାଲସେନ ଜାନି, ସୁରେସନ ଜାନି, ସୋମନାଥ ମନ୍ଦିର କମିଟି ସଭାପତି ଭାଗୀରଥି କହଁର ଏବଂ ସମାଜିକ କର୍ମୀ ବିଦୂର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ପୁନଃ ଥଇଥାନ କରିବାକୁ କର୍ମଚାରୀଙ୍କ ଦାବି

**ଗଞ୍ଜାମ/ଧରାକୋଟ, ୨୫।୨(ଡି.ଏନ.ଏ.)**



ଛଟେଇ ସ୍ୱାସ୍ଥ୍ୟ ବୀମା କର୍ମଚାରୀ।

## ରାଷ୍ଟ୍ରୀୟସ୍ତର ସ୍ୱାସ୍ଥ୍ୟବୀମା, ବିଜୁ କୃଷକ କଲ୍ୟାଣ ଯୋଜନା କର୍ମଚାରୀଙ୍କୁ ଛଟେଇ

ବିଗତ ଏକ ଦଶନ୍ଧି ଧରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଷ୍ଟ୍ରୀୟସ୍ତର ସ୍ୱାସ୍ଥ୍ୟ ବୀମା ଓ ବିଜୁ କୃଷକ କଲ୍ୟାଣ ଯୋଜନା ଚାଲିଥିଲା। ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମେଡିକାଲ କଲେଜଗୁଡ଼ିକରେ ପ୍ରୋଟୋକଲ ମ୍ୟାନେଜରଧାରୀ ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟମିତ୍ର ଭାବେ ନିରନ୍ତର ସେବା ଯୋଗାଉଥିଲେ। ଯଦ୍ୱାରା ଯୋଜନା ସଫଳ ରୂପାୟନ ହୋଇଥିଲା। ଏଥିସହିତ ଔଷଧ ବିତରଣ, ଆମ୍ବୁଲାନ୍ସ ସେବା, ପ୍ରାକୃତିକ ବିପର୍ଯ୍ୟୟ ଫାଇଲିନ, ହୁଡହୁଡ଼ ଭଳି ଅନେକ ଜରୁରିକାଳୀନ ସେବା ପାଇଁ ପ୍ରଶଂସାର ପାତ୍ର ହୋଇଛନ୍ତି। ଏଥିସହ ଜେଏସୱାଇ ତଥା ଏମ୍‌ସିଟିଏସ ଏବଂ ଜନ୍ମ ମୃତ୍ୟୁ ପଞ୍ଜୀକରଣ ଭଳି ଅନେକ ଡାଟାଏଣ୍ଟ୍ରି କାର୍ଯ୍ୟରେ ମଧ ସହାୟତା କରିଥିବା ଉକ୍ତ କର୍ମଚାରୀମାନେ ଦାବି କରିଛନ୍ତି। ସରକାରଙ୍କ ଏହି ଯୋଜନା ବନ୍ଦ ହେବା ପରେ ସେହି ଫାର୍ମାସିଷ୍ଟ ଓ ଡାଟାଏଣ୍ଟ୍ରିମାନଙ୍କୁ ଛଟେଇ କରି ଦିଆଯାଇଛି। ବର୍ତ୍ତମାନ ସେମାନଙ୍କ ବୟସ ସୀମା ଟପିଯାଇଛି। ଏହି ସମୟରେ ବେକାରି ସମସ୍ୟା ସେମାନଙ୍କୁ ଚିନ୍ତାରେ ପକାଇଛି। ପରିବାର ପ୍ରତିପୋଷଣ ନିମନ୍ତେ ସେମାନେ ଜୀବନ ଜୀବିକା ହରାଇ ଦୁଶ୍ଚିନ୍ତାରେ ଥିବା ଗଞ୍ଜାମ ବ୍ଲକ ଖଣ୍ଡଦେଉଳି ମେଡିକାଲ (ସିଏଚସି) ପ୍ରୋଟୋକଲ ମ୍ୟାନେଜର ଭାବେ କାର୍ଯ୍ୟକରିଥିବା ସଚ୍ଚିଦାନନ୍ଦ ତ୍ରିପାଠୀ କହିଛନ୍ତି। ବିକଳ୍ପ ବ୍ୟବସ୍ଥା କିମ୍ବା ପୁନଃ ଥଇଥାନ କରିବାକୁ କର୍ମଚାରୀ ସଂଘ ସଭାପତି ଗଙ୍ଗାପାଣି ବେହେରା, ପ୍ରମୋଦ କୁମାର ନାୟକ, ଅମ୍ବିକା କୁମାର ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ପଞ୍ଚୁଦଣ୍ଡ ପରିଚାଳନା ସମିତି ବୈଠକ

**ବାଲିଗୁଡା,୨୫।୨(ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ବାଲିଗୁଡା ପଞ୍ଚୁଦଣ୍ଡ ପରିଚାଳନା ସମିତି ବୈଠକ ସ୍ଥାନୀୟ କଟପଡିଠାରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ରାଜ କିଶୋର ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ୨୦୧୯ର ଆୟବ୍ୟୟ ଉପରେ ଆଲୋଚନା କରାଯାଇ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। କିନ୍ତୁ ପୁରୁଣା କମିଟି ହିଁ ରହିଛନ୍ତି ଓ ଏହିବର୍ଷ ସମିତିର ବରିଷ୍ଠ ସଭ୍ୟ ତଥା ଉପଦେଷ୍ଟା ସୁରେଶ ଚନ୍ଦ୍ର ମହାନ୍ତିଙ୍କୁ ସମିତିର ସମ୍ପୂର୍ଣ୍ଣ ପରିଚାଳନା ଭାର ତୁଲାଇବାକୁ ସହମତି ପ୍ରକାଶ ପାଇଛି। ଆସନ୍ତା ଦଣ୍ଡଯାତ୍ରାରେ ବାଲିଗୁଡା ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ଅଷ୍ଟଶମ୍ଭୁ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଏପ୍ରିଲ ୫ ରବିବାର ଏହା ଅନୁଷ୍ଠିତ ହେବ। ସମିତି ତରଫରୁ ଏନେଇ ବ୍ୟାପକ ପ୍ରସ୍ତୁତି ସହ କିଭଳି ସୁରୁଖୁରୁରେ କାର୍ଯ୍ୟକ୍ରମ ହେବ ଆଲୋଚନା କରାଯାଇଥିଲା। ସମିତି ସମ୍ପାଦକ କିଶୋର ଚନ୍ଦ୍ର ପାଳ, ବଂଶୀଧର ପଣ୍ଡା, ଗୌରଚନ୍ଦ୍ର ସୁଆର, ଶିବରାମ ପ୍ରଧାନୀ, ଏନ୍‌ଏସି ଉପାଧ୍ୟକ୍ଷ ଲୋକନାଥ ପାଢୀ, ସୁବାସ କହଁର, ଦୁଃଖୀଶ୍ୟାମ ମହାରଣା, ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# କୋର୍ଟ ପ୍ରତିଷ୍ଠା ନେଇ ଆଇନଜୀବୀ ସଂଘ ବୈଠକ

**ଜଗନ୍ନାଥପ୍ରସାଦ,୨୫।୨(ଡି.ଏନ.ଏ.)**



ଉପସ୍ଥିତ ଆଇନଜୀବୀ।

ଜଗନ୍ନାଥପ୍ରସାଦ ଲଙ୍କାଗଡ଼ଠାରେ ସ୍ଥାନୀୟ ବ୍ଲକ ଆଇନଜୀବୀ ସଂଘର ଏକ ଜରୁରିକାଳୀନ ବୈଠକ କାର୍ଯ୍ୟକାରୀ ସଭାପତି ରଜନୀକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ବରିଷ୍ଠ ଆଇନଜୀବୀ ଅମରେସ ମହାପାତ୍ର ବ୍ଲକରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ଏହା ଦ୍ୱାରା ବ୍ଲକର ପ୍ରାୟ ଦୁଇ ଲକ୍ଷ ଜନସାଧାରଣ ଉପକୃତ ହୋଇପାରିବେ ବୋଲି କହିଥିଲେ। ଏଥିରେ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ପଣ୍ଡା ଜଗନ୍ନାଥପ୍ରସାଦରେ ତ୍ୱରିତ କୋର୍ଟ ପ୍ରତିଷ୍ଠା ପାଇଁ ବ୍ଲକର ସମସ୍ତ ଓକିଲ ସଂଘବଦ୍ଧ ପ୍ରୟାସ କରିବାକୁ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଅନୁରୋଧ କରିଥିଲେ। ବୈଠକରେ ଆଗାମୀ ଦିନରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ଭେଟି ଓକିଲ ସାମ୍ମୁଖ୍ୟ ଜଗନ୍ନାଥପ୍ରସାଦରେ ତ୍ୱରିତ କୋର୍ଟ ପ୍ରତିଷ୍ଠା ପାଇଁ ସହଯୋଗ ଲୋଡ଼ିବ ବୋଲି ପ୍ରସ୍ତାବ ପାରିତ ହୋଇଛି। ବୈଠକରେ ବରିଷ୍ଠ ଆଇନଜୀବୀ ଜ୍ୟୋତି ରଞ୍ଜନ ପ୍ରଧାନ, ଜନାର୍ଦ୍ଦନ ପ୍ରଧାନ, ସନ୍ତୋଷ କୁମାର ଶତପଥୀ, ନିରାକାର ସାହୁ, ପି.ପ୍ରସାଦ ରାଓ, ସୁକାନ୍ତ ପ୍ରଧାନ, ସରକାରୀ ଓକିଲ ଦୁଃଖିଶ୍ୟାମ ପ୍ରଧାନ, ମଣି ଦିକ୍ଷୀତ, କୁରେସ ଦାସ, ବିନାୟକ ପ୍ରଧାନ, ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜ୍ୟୋତି ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଜାଗା ଯୋଜନାରେ ସାମିଲ କରା ନ ଯିବା ପ୍ରଶ୍ନର ଉତ୍ତର ରଖିଲେ ମନ୍ତ୍ରୀ

**ଛତ୍ରପୁର,୨୫।୨(ଡି.ଏନ.ଏ):** ଛତ୍ରପୁର ନିର୍ବାଚନମଣ୍ଡଳୀ ଅଧୀନ ରମ୍ଭା ଏନ୍ଏସିରେ 'ଜାଗା' ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇ ନ ଥିବା ନେଇ ବିଧାସଭାରେ ବିଧାୟକ ସୁବାସ ଚନ୍ଦ୍ର ବେହେରା ପ୍ରଶ୍ନ କରିଥିଲେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏହାର ଉତ୍ତର ରଖିଛନ୍ତି। ମନ୍ତ୍ରୀ କହିଥିଲେ ଯେ, ରମ୍ଭା ଏନଏସି ଅଞ୍ଚଳରେ ଜାଗା ଯୋଜନାରେ ଘର ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଭୂମି ଅଧିକାର ଅଧିନିୟମ ୨୦୧୭ ଅନୁସାରେ ଭୂମି ଅଧିକାର ପତ୍ର ପ୍ରଦାନ ପାଇଁ ପ୍ରକ୍ରିୟା ଚାଲୁ ରହିଛି। ଖୁବଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।

### ବିଦାୟକାଳୀନ ସମ୍ବର୍ଦ୍ଧନା, ଆଲୋଚନା ପାଠଚକ୍ର

**ପାଟପୁର,୨୫।୨:** ସାନଖେମୁଣ୍ଡି ବ୍ଲକ କଙ୍କୋରଡା ବିଜ୍ଞାନ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା ସହିତ ଆଲୋଚନା ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧାପକ ରବୀନ୍ଦ୍ର ବେହେରାଙ୍କ ପୌରୋହିତ୍ୱରେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ବରିଷ୍ଠ ପ୍ରଫେସର ଡ.ଦାଶରଥି ଭୂୟାଁ, ମୁଖ୍ୟଅତିଥି ଭାବେ ଅଧକ୍ଷ ପ୍ରଫୁଲ୍ଲ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଅଧାପିକା ପ୍ରିୟଙ୍କା ଜେନା ପ୍ରମୁଖ ଯୋଗଦେଇଥିଲେ। ପାଠଚକ୍ର ପରିଶେଷରେ ଶେଷବର୍ଷର ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭାଗ ଅଧାପିକା ପ୍ରିୟଙ୍କା ଜେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଛାତ୍ରୀଛାତ୍ର, ଅଧାପିକା ଅଧାପକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ପାତାଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୋଲସରା ବିଜୟୀ

**ଆସିକା,୨୫।୨(ଡି.ଏନ୍.ଏ.):** ଆସିକା ବ୍ଲକ କେନ୍ଦୁପଦର ପଞ୍ଚାୟତ ଚାଟୁଳା ଗ୍ରାମରେ ଚାଲିଥିବା ବାବା ପାତାଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ମ୍ୟାଚ ପୋଲସରା ଓ ଜିଲୁଣ୍ଡି ଟିମ୍ ମଧରେ ହୋଇଥିଲା । ଏଥିରେ ପୋଲସରା ଟିମ୍ ବିଜୟୀ ହୋଇଛି । ଟସ୍ ଜିଣି ଜିଲୁଣ୍ଡି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୭ ଉଇକେଟ ହରାଇ ୧୧୯ ରନ କରିଥିଲା। ଜବାବରେ ପୋଲସରା ଟିମ୍ ୧୩.୨ ଓଭରରେ ୩ ଇଇକେଟ ହରାଇ ୧୨୦ ରନ କରି ବିଜୟୀ ହୋଇଛି। ପୋଲସରା ଟିମ୍ର ସୁର ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଲିଟୁ ସ୍ୱାଇଁ, ଅନିଲ ଗୌଡ ଓ ତ୍ରିନାଥ ଖଟେଇ ଖେଳ ପରିଚାଳନା କରିଥିଲେ ।

### ଦିଗପହଣ୍ଡିରେ ବଢୁଛି ଚୋରି, ପାଟ୍ରୋଲିଂ ଦାବି

**ଦିଗପହଣ୍ଡି,୨୫।୨(ଡି.ଏନ.ଏ.):** ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ସୋମବାର ବିଳମ୍ବିତ ରାତିରେ ଦିଗପହଣ୍ଡି ପିଏଚଡି ରୋଡ ନିକଟ ଉମାଶଙ୍କର କଲୋନୀରେ ରହୁଥିବା କୈଳାସ ଷଡ଼ଙ୍ଗୀଙ୍କ ଘର ବାରିପଟ କବାଟ ଗ୍ରିଲ ତାଲା ଭାଙ୍ଗିବା ସହ ଦୁର୍ବୃତ୍ତମାନେ ଚୋରି ଉଦ୍ଦେଶ୍ୟରେ ଘରେ ପଶିଥିଲେ। କୌଣସି ମୂଲ୍ୟବାନ ସାମଗ୍ରୀ ନ ପାଇବାରୁ ବିଭିନ୍ନ ଅବ୍ୟବହୃତ ଘରକରଣା ସାମଗ୍ରୀ ସେମାନେ ଫିଙ୍ଗା ଫୋପଡା କରିଥିଲେ। ଘର ମାଲିକ ପରିବାର ସହ ପ୍ରଥମ ମହଲାରେ ରହୁଥିବାରୁ ବଡ ଧରଣର ଚୋରିରୁ ବର୍ତ୍ତି ଯାଇଛନ୍ତି। ସେହିପରି ୩ ନଂ ୱାର୍ଡ ସତ୍ୟନଗରରେ ନୂଆ ଘର କରି ରହୁଥିବା କେଶବ ରାଓଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରିବା ସହ ନିକଟରେ ଥିବା ନାଗେଶ୍ୱର ରେଡ୍ଡୀଙ୍କ ଘର ସମ୍ମୁଖରେ ଥିବା ତାଙ୍କ ପୁଅର ନୂଆ ଅଟୋ ରିକ୍ସାର ବ୍ୟାଟେରୀ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଭଙ୍ଗାରୁଜା କରିଥିବା ଜଣାପଡିଛି। ଏନେଇ ଦିଗପହଣ୍ଡି ଥାନାରେ କୈଳାସ ଷଡ଼ଙ୍ଗୀ ଓ କେଶବ ରାଓ ଏତଲା ଦେବା ପରେ ପୋଲିସ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ରାତ୍ରିକାଳୀନ ପାଟ୍ରୋଲିଂ କଡାକଡ଼ି କରାଯିବାକୁ ସହର ବାସିଙ୍କ ପକ୍ଷରୁ ଦାବି କରାଯାଇଛି। ଗତ ୨ ମାସ ଅବଧି ମଧରେ ଦିଗପହଣ୍ଡି ଥାନା ଅଞ୍ଚଳରେ ୧୪ ରୁ ଊର୍ଦ୍ଧ୍ୱ ଚୋରି ଘଟଣା ପୋଲିସର ମୁଣ୍ଡବ୍ୟଥା ବଢାଇ ଦେଇଛି।

# ସମାଧାନ ନ ହେଲେ ଚାଷୀ ଆନ୍ଦୋଳନ ଚେତାବନୀ

**ଛତ୍ରପୁର,୨୫।୨(ଡି.ଏନ.ଏ.)**

**ଧାନ କିଣା ସମସ୍ୟା ପ୍ରସଙ୍ଗ**
- ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ
- ପଞ୍ଜୀକୃତ ବହୁ ଚାଷୀଙ୍କ ଧାନ ନିଆଯାଇନି


ଜିଲପାଳଙ୍କୁ ଭେଟି ଚାଷୀମାନେ ଫେରୁଛନ୍ତି।

ଗଞ୍ଜାମ ଜିଲାରେ ଧାନ କିଣା ଧିମା ରହିଛି। ଧାନ ବିକିବା ପାଇଁ ପଞ୍ଜୀକୃତ କରିଥିବା ବହୁ ଚାଷୀଙ୍କଠାରୁ ଏଯାବତ ଧାନ କିଣା ହୋଇନି । ଫଳରେ ଏହାର ଫାଇଦା ମଧ୍ୟସ୍ଥମାନେ ଉଠାଉଛନ୍ତି । ଚାଷୀମାନେ ମଧ କୌଣସି ଉପାୟ ନ ପାଇ ସରକାରୀ ନିର୍ଦ୍ଧାରିତ ଦରଠାରୁ କମ୍ ଦରରେ ଧାନ ବିକି କ୍ଷତି ସହିବାରେ ଲାଗିଛନ୍ତି । ବାରମ୍ବାର ଜିଲାର ବିଭିନ୍ନ ଅଞ୍ଚଳର ଚାଷୀ ଓ ଚାଷୀ ସଂଗଠନ ପକ୍ଷରୁ ଜିଲାପାଳଙ୍କ ଅଫିସ୍ଠାରୁ ଆରମ୍ଭ କରି ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ, ସୋସାଇଟି କାର୍ଯ୍ୟାଳୟ ଓ ବ୍ଲକ ଆଗରେ ଧାରଣା ଦେବା ସହ ଆନ୍ଦୋଳନ କରିଚାଲିଛି । ପ୍ରଶାସନ ପକ୍ଷରୁ ଏ ସମ୍ବନ୍ଧରେ ଚାଷୀ ଓ ଚାଷୀ ସଂଗଠନ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଧାନ କିଣା ଶୃଙ୍ଖଳିତ ହୋଇପାରିନି । ଟୋକନ୍ ସମସ୍ୟା ନେଇ ଏପରି ଧାନ କିଣା ଅବ୍ୟବସ୍ଥା ଦେଖାଦେଇଛି । ମଙ୍ଗଳବାର ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏଥିସହ ସିପିଆଇ ଓ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ମଧ ଜିଲାପାଳଙ୍କୁ ଭେଟି ଅବଗତ କରାଯାଇଛି । ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କିଣାଯିବ ବୋଲି ଜିଲାପାଳ କହିଥିବା ସୂଚନା ଦିଆଯାଇଛି ।

କେତେ ଜଣ ଚାଷୀଙ୍କ ପାଇଁ ଭୁବନେଶ୍ୱରରୁ ଟୋକନ୍ ଆସି ନ ଥିବାରୁ ଏମାନେ ଧାନ ବିକି ପାରୁନାହାନ୍ତି । ଅପରପକ୍ଷରେ କେତେକ ଚାଷୀଙ୍କ ଟୋକନ୍ ଆସିଥିଲେ ହେଁ ୭ ଦିନ ମଧରେ ଧାନ କିଣିବାକୁ ପଦକ୍ଷେପ ନିଆଯାଇ ନ ଥିବାରୁ ଏହା ରଦ୍ଦ ହୋଇଯାଇଛି । ଏପରିକି କେତେଜଣ ଚାଷୀଙ୍କଠାରୁ ଧାନ କିଣାଯାଇଥିଲେ ହେଁ ବିକ୍ରି ବାବଦରେ ଏଯାବତ ଟଙ୍କା ମିଳି ନ ଥିବା ଚାଷୀ ଅଭିଯୋଗ କରିଛନ୍ତି । ତୁରନ୍ତ ଧାନ କିଣା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ରଖି ଆନ୍ଦୋଳନ କରାଯିବ ବୋଲି ସିପିଆଇ ନେତା ନୀଳକଣ୍ଠ ଦାଶ ଓ ସୀମାଞ୍ଚଳ ସାହୁ ମଙ୍ଗଳବାର ଏଠାରେ ଚେତାବନୀ ଦେଇଛନ୍ତି । ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ମଧ ଚାଷୀମାନଙ୍କୁ ନେଇ ରାଜରାସ୍ତାରେ ବ୍ୟାପକ ଆନ୍ଦୋଳନ କରାଯିବ। ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି । କୁକୁଡାଖଣ୍ଡି ବ୍ଲକ ଆମ୍ବଗଡ ସୋସାଇଟି ଅଧୀନ ଦକ୍ଷିଣପୁର, ଆମ୍ବଗଡ, ଗଣ୍ଡବନ୍ଧ ଅଞ୍ଚଳରେ ଚାଷୀମାନଙ୍କର ଆସିଥିବା ଟୋକନ୍ ଅବଧି ସରିଯାଇଛି। ମୋର ୩୪.୧୬ କୁଇଣ୍ଟାଲ ଧାନ ବିଲରେ ପଡି ରହିଥିବା ସନ୍ତୋଷ କୁମାର ସାହାଣୀ କହିଛନ୍ତି। ସେହିପରି ହୁମ୍ମା ସୋସାଇଟି ଅଧୀନ ପୋଡାପଦର, କୁମାରବେଗପଲ୍ଲୀ ଅଞ୍ଚଳରେ ଧାନ କିଣା ସମସ୍ୟା ଥିବା ନିଗମ ଚନ୍ଦ୍ର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ବେଗୁନିଆପଡା ବ୍ଲକ ମର୍ଦ୍ଦମେଖ ପଞ୍ଚାୟତ ଅଧୀନ ବେଲଝରି ଗାଁରେ ଗୋଲକ ବିଷୋୟୀ, ନବକୃଷ୍ଣ ସ୍ୱାଇଁ କହିଛନ୍ତି, ଟୋକନ୍ ଅବଧି ସରିଯାଇଥିବାରୁ ଧାନ ଚାଷୀଙ୍କଠାରୁ କିଣାଯାଉନି ।

ବୁରଝରି ସୋସାଇଟି ଅଧୀନରେ ମଧ ଧାନ କିଣି ଟଙ୍କା ଦେବାରେ ବିଳମ୍ବ ହେଉଥିବା ଦୀନବନ୍ଧୁ ଦାସ ଅଭିଯୋଗ କରିଛନ୍ତି। ମୋର ୧୧୦ କୁଇଣ୍ଟାଲ ଧାନ କିଣାଯାଇ ନ ଥିବା ଦାମୋଦର ଦାସ କହିଛନ୍ତି। ଛତ୍ରପୁର ବ୍ଲକ ବିପୁଳିଙ୍ଗି ପଞ୍ଚାୟତର ପ୍ରଭାତ କୁମାର ପାଣିଗ୍ରାହୀ, ପୁଷ୍ପାଞ୍ଜଳି ପାଣିଗ୍ରାହୀ, ବୁରଝରିର ଯୋଗେନ୍ଦ୍ର ଜେନା ପ୍ରମୁଖ ମଧ ଧାନ କିଣା ସମସ୍ୟା ନେଇ ଜିଲାପାଳଙ୍କୁ ଭେଟି ଜଣାଇଛନ୍ତି । ଜିଲାକୁ ୪୨ ଲକ୍ଷ ୨୩ ହଜାର ୮୮୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିବା ବେଳେ ଏଯାବତ ୩୨ ଲକ୍ଷ ୭୧ ହଜାର ୩୯୭.୦୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଜିଲାରେ ୧ ଲକ୍ଷ ୩୪ ହଜାର ୪୬୨ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ମାତ୍ର ୭୧ ହଜାର ୮୧୧ ଚାଷୀ ବିକ୍ରି କରିଛନ୍ତି। ଫଳରେ ୫୨ ହଜାର ୬୫୧ ଚାଷୀ ଟୋକନ ସମସ୍ୟା ରହିଥିବାରୁ ଧାନ ବିକ୍ରି କରିପାରି ନାହାନ୍ତି।

# ଜନ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ ନିଷ୍ପତ୍ତି

**ସିପିଆଇ ଜୋନାଲ କମିଟିର ପରିବର୍ଦ୍ଧିତ ଆଲୋଚନା ସଭା**

**ଦିଗପହଣ୍ଡି,୨୫।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗଣିଆନାଳ ଛକ ନିକଟ କୁରେଇଶୁଣୀ ମନ୍ଦିର ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ବଡ଼ଖେମୁଣ୍ଡି ଜୋନାଲ କମିଟି ପକ୍ଷରୁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କିଶୋର ଶତପଥୀ ଏଥିରେ ଅଧକ୍ଷତା କରିଥିଲେ। ଗ୍ରାମାଞ୍ଚଳର ବିବିଧ ସମସ୍ୟାର ସମାଧାନ ଲାଗି ପାର୍ଟି ପକ୍ଷରୁ ଗଣ ଆନ୍ଦୋଳନ ପାଇଁ ସଭାରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା। ସିପିଆଇ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ସହ ସମ୍ପାଦକ ଅଳକ ନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ଦେଖାଦେଇଛି। ଦୁର୍ନୀତି, ବେକାରି ଓ ଦରବୃଦ୍ଧି ଦ୍ରୁତଗତିରେ ବଢ଼ିବାରେ ଲାଗିଛି। କୃଷିର ବିକାଶ ହୋଇନାହିଁ। ରାଜ୍ୟରେ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ପଦବୀ ଖାଲିପଡ଼ିଛି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରଙ୍କ ଚରମ ଅବହେଳା ଜଳ ଜଳ ହୋଇ ଦିଶୁଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରଗତିଶୀଳ ଲୋକଙ୍କ ମଧରେ ଆତଙ୍କର ବାତାବରଣ ସୃଷ୍ଟି କରାଯାଇ ଜନସାଧାରଣଙ୍କୁ ମୌଳିକ ସମସ୍ୟା ସମାଧାନଠାରୁ ଦୂରେଇ ରଖାଯାଉଛି। ସରକାର କେବଳ ଆତ୍ମପ୍ରଚାର ପାଇଁ ନୂଆ ନୂଆ ଯୋଜନା ଘୋଷଣା କରିଥିଲେ ମଧ ଏହାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚୁନାହିଁ। ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସମେତ ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସର ଦର ବଢ଼ି ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଯୋଗୁ ଦେଶ ଘୋର ସଙ୍କଟ ମଧରେ ଗତି କରୁଛି। ରାଜ୍ୟ ସରକାରଙ୍କ କାଳିଆ ଯୋଜନା ହିତାଧିକାରୀଙ୍କୁ ପୁଣି ଥରେ ଅଯୋଗ୍ୟ ଘୋଷଣା ତାଙ୍କ ଚାଷୀ ବିରୋଧୀ ନୀତିକୁ ପଦାରେ ପକାଇଦେଇଛି ବୋଲି କହିଥିଲେ। ପାର୍ଟି ପକ୍ଷରୁ ଖୁବ୍ଶୀଘ୍ର ଗଣଆନ୍ଦୋଳନ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଭା ପୂର୍ବରୁ ସିପିଆଇ ଦିଗପହଣ୍ଡି ଶାଖା ସମ୍ପାଦକ ତପନ କୁମାର ମିଶ୍ରଙ୍କ ପ୍ରସ୍ତାବକ୍ରମେ ପାର୍ଟିର ସକ୍ରିୟ ସଦସ୍ୟ ରାମଚନ୍ଦ୍ର ଲେଙ୍କା ଓ ବାସୁଦେବ ଦୋରାଙ୍କ ପରଲୋକଗତ ଆତ୍ମାର ସଦ୍ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ବିଭିନ୍ନ ଗ୍ରାମରୁ ବହୁସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ପିପୁଲ୍ସ କଲେଜରେ ଶିକ୍ଷକ-ଅଭିଭାବକ ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ବୁଗୁଡ଼ା,୨୫।୨(ଡି.ଏନ.ଏ.)**

ବୁଗୁଡ଼ା ପିପୁଲ୍ସ କଲେଜ ଉଭିଦ ବିଜ୍ଞାନ ବିଭାଗ ତରଫରୁ ସୋମବାର ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧକ୍ଷ ପ୍ରଫେସର ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଜୟରାମ ବିଶୋୟୀ, ଡ. ପ୍ରସନ୍ନ କୁମାର ସ୍ୱାଇଁ, ଅଧାପିକା ଅନିତା ଦେବୀ ଓ ଇଂଲିଶ ଅଧାପକ ଡ. ଆତ୍ମପ୍ରକାଶ ନାୟକ, ଡେମୋନେଷ୍ଟ୍ରେଟର ବ୍ରଜେନ୍ଦ୍ର ଉପାଧ୍ୟାୟ ମଞ୍ଚାସୀନ ଥିଲେ। ବୈଠକରେ ଛାତ୍ରୀଛାତ୍ରମାନଙ୍କର ସମୟାନୁବର୍ତ୍ତିତା, ନିୟମାନୁବର୍ତ୍ତିତା, ଘରେ ଓ କଲେଜରେ ସେମାନଙ୍କର ଅଧାପନା, ଶୃଙ୍ଖଳା ରକ୍ଷା କରିବା ବିଷୟରେ ଶିକ୍ଷକ ଓ ଅଭିଭାବକମାନେ ଆଲୋଚନା କରିଥିଲେ। ଏଥିସହ ମୋ ସରକାର କାର୍ଯ୍ୟକ୍ରମର ପ୍ରାଧାନ୍ୟ ଦୃଷ୍ଟିରୁ ସଚେତନତା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଡ. ପ୍ରସନ୍ନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିର



ଉପସ୍ଥିତ ଅତିଥିବୃନ୍ଦ।

**ବେଗୁନିଆପଡ଼ା,୨୫।୨(ଡି.ଏନ.ଏ.)**

ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ତାଲିମ ଶିବିର ମଙ୍ଗଳବାର ବେଗୁନିଆପଡ଼ା ବ୍ଲକ ସଭାଗୃହରେ ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀ ମମତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ବେଦବର ପ୍ରଧାନ, ରାଜ୍ୟ ମିଶନ ଶକ୍ତି ତାଲିମଦାତା ଅଶ୍ୱିନୀ କୁମାର ପଟ୍ଟନାୟକ, ଜିଲା ସଂଯୋଜକ ମହେଶ ତରାଇ ଯୋଗଦେଇ ବର୍ଜ୍ୟବସ୍ତୁକୁ ବାହାରେ ପକାଇବା ଦ୍ୱାରା ପରିବେଶ ଉପରେ ଏହାର କୁପ୍ରଭାବ, ତା'ର ଠିକ୍ ବ୍ୟବହାର କରିବା, କାମରେ ଲଗାଇବା ଆଦି ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ମୋଟିଭେଟରମାନେ ଯୋଗଦେଇ ତାଲିମ ନେଇଥିଲେ।

# ସ୍ୱତନ୍ତ୍ର ଅଲିମ୍ପିକ ଯୁବକ୍ରୀଡ଼ା ଉତ୍ସବ

**ବାଲିଗୁଡା,୨୫।୨(ଡି.ଏନ୍.ଏ)**

ବାଲିଗୁଡା ବନବାସୀ ସେବା ସମିତି ଦ୍ୱାରା ପରିଚାଳିତ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ଅଲିମ୍ପିକ ଯୁବକ୍ରୀଡା ଉତ୍ସବ ପାଳିତ ହୋଇଛି। ସମିତି ପ୍ରତିଷ୍ଠାତା ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନଶିକ୍ଷକ, ସ୍ୱତନ୍ତ୍ର ଅଲିମ୍ପିକ ଯୁବକ୍ରୀଡା ପ୍ରଶିକ୍ଷକ ଶ୍ରୁଶ୍ରୀ ଅର୍ପିତା ମହାପାତ୍ର ଯୋଗଦେଇଥିଲେ। ଏହି କ୍ରୀଡାରେ ୨ରୁ ୧୦ବର୍ଷର ସବୁ ବର୍ଗର ପିଲା ଭାଗ ନେଇଥିଲେ । ପ୍ରତ୍ୟେକଙ୍କୁ ପୁରସ୍କାର ଦିଆଯାଇଥିଲା। ଏହି କ୍ରୀଡାକୁ ଜିଲା ସଂଯୋଜକ କିଶୋର କୁମାର ଜେନା ପରିଚାଳନା କରିଥିଲେ ।

# ଭେଣ୍ଡିଂଜୋନ୍ ନିର୍ମାଣ ଦାବି

**କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଲା ବଣିକ ସଂଘ**

**ଗଞ୍ଜାମ,୨୫।୨(ଡି.ଏନ.ଏ.)**

ରାସ୍ତା ସମ୍ପ୍ରସାରଣ ନିମନ୍ତେ ଗଞ୍ଜାମ ସହରରେ ଥିବା କ୍ୟାବିନ ଓ ଉଠା ଦୋକାନଗୁଡିକୁ ଆସନ୍ତା ମାର୍ଚ୍ଚରେ ଉଚ୍ଛେଦ ପାଇଁ ଜିଲା ପ୍ରଶାସନ ନୋଟିସ ଜାରି କରିଛି। କିନ୍ତୁ ଭେଣ୍ଡିଂଜୋନ ନିର୍ମାଣ କରିବା ତ ଦୂରରକଥା କେଉଁଠି ଏହା ନିର୍ମାଣ ହେବ ସ୍ଥାନ ଚିହ୍ନଟ କରିପାରିନି। ଅନ୍ୟପଟେ ଉଚ୍ଛେଦ ପୂର୍ବରୁ ଉଠା ଦୋକାନୀ ମାନଙ୍କୁ ଭେଣ୍ଡିଂ ଜୋନ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ବଡ଼ବଜାର ଓ ସାନ ବଜାର ବଣିକ ସଂଘ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସୋମବାର ସନ୍ଧ୍ୟାରେ ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକିଙ୍କ ନେତୃତ୍ୱରେ ସମ୍ପାଦକ କାହ୍ନୁ ଚରଣ ପଣ୍ଡା, ବିଶ୍ୱ ମହାଙ୍କୁଡ, ସୁବାସ ଗୁପ୍ତା ପ୍ରମୁଖ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ପ୍ରଭୁ କଲ୍ୟାଣ ଦାସଙ୍କୁ ଭେଟି ଶୀଘ୍ର ସ୍ଥାନ ଚିହ୍ନଟ କରି ଭେଣ୍ଡିଂ ଜୋନ ନିର୍ମାଣ କରିବାକୁ ଦାବି କରିଛନ୍ତି। ନ ହେଲେ ଉଚ୍ଛେଦ ସମୟରେ ବଣିକ ସଂଘ ସହଯୋଗ କରିବ ନାହିଁ ବୋଲି ଇଓ ଦାସଙ୍କୁ କହିଛନ୍ତି। ଏ ସମ୍ପର୍କରେ ଇଓ ଦାସଙ୍କୁ ପଚାରିବାରୁ ଭେଣ୍ଡିଂ ଜୋନ୍ ପାଇଁ ଦୁଇଟି ସ୍ଥାନ ଚିହ୍ନଟ ହୋଇଛି। ତହସିଲଦାରଙ୍କ ଅନୁମତି ପରେ ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ବିଜ୍ଞାନାଗାର ପରିଦର୍ଶନ କଲେ ଛାତ୍ରୀଛାତ୍ର

**ବୁଗୁଡ଼ା,୨୫।୨(ଡି.ଏନ.ଏ.)**

ବୁଗୁଡ଼ାରେ ନ୍ୟୁଏରା ପବ୍ଲିକ ସ୍କୁଲ, ଶୋଭନୀୟ ପବ୍ଲିକ ସ୍କୁଲ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବିରଞ୍ଚି ନାରାୟଣ ପବ୍ଲିକ ସ୍କୁଲ ଓ ଆଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସୋମବାର ବିଜ୍ଞାନଗାର ପରିଦର୍ଶନ କରିଥିଲେ। ସେମାନଙ୍କର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସହ ବୁଗୁଡ଼ା ପିପୁଲସ କଲେଜର ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗର ପରୀକ୍ଷା ଗାରକୁ ପରିଦର୍ଶନ କରିଥିଲେ। ସେଠାରେ ବିଭିନ୍ନ ପରୀକ୍ଷଣ କାର୍ଯ୍ୟକ୍ରମକୁ ଦେଖି ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବା ସହ ବିଭିନ୍ନ ବୈଜ୍ଞାନିକ ଯନ୍ତ୍ରପାତି ଏବଂ ଏହାର ଉପଯୋଗିତା ବିଷୟରେ ଜ୍ଞାନ ଅର୍ଜନ କରିଥିଲେ। ପରେ ବରିଷ୍ଠ ଅଧାପକ ସୁଦର୍ଶନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ମନୋଜ ଦାଶ, ପ୍ରାଣୀ ବିଜ୍ଞାନ ପ୍ରଦର୍ଶକ ରାମକୃଷ୍ଣ ନାୟକ, ଉଭିଦ ବିଜ୍ଞାନ ମୁଖ୍ୟ ଡ. ଜୟରାମ ବିଷୋୟୀ, କଲେଜର ଅଧକ୍ଷ ପ୍ରଫେସର ରଜନୀକାନ୍ତ ଦାଶ ଉପସ୍ଥିତ ଥିଲେ।

# ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ଦିଗପହଣ୍ଡି,୨୫।୨(ଡି.ଏନ.ଏ.)**

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସୋମବାର ବିଭାଗୀୟ ମୁଖ୍ୟ ଅଧାପିକା ଆରତୀ ପାତ୍ରଙ୍କ ସଂଯୋଜନାରେ 'ଲିଙ୍ଗ ନିରୂପଣ ଓ ତାର ସାମାଜିକ ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଣତି ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଚିକିଟି କଲେଜର ଅବସରପ୍ରାପ୍ତ ଅଧକ୍ଷ ଡ.ଏମ .କେ.ପି ବ୍ରହ୍ମା ମୁଖ୍ୟ ଅତିଥି ଏବଂ ଅଧାପକ ଗୌରାଙ୍ଗ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଲୋଚ୍ୟ ବିଷୟ ଉପରେ ଅତିଥିବୃନ୍ଦ ଆଲୋକପାତ କରିବା ସହ ଲିଙ୍ଗ ନିରୂପଣ କନ୍ୟା ସନ୍ତାନ ହ୍ରାସର ପ୍ରମୁଖ କାରଣ ବୋଲି କହିଥିଲେ। ଛାତ୍ରୀଛାତ୍ର ସୁମିତ ନାୟକ, ଶ୍ରବଣ ପଟ୍ଟନାୟକ, ଶୁଭଶ୍ରୀ ଦୋରା, ରାଜେଶ ଦୋରା ଏବଂ ବି.ଲକ୍ଷ୍ମୀ ନିଜ ନିଜ ସନ୍ଦର୍ଭ ପାଠ କରିଥିଲେ। ଅଧାପିକା ଇଶାଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଡେମୋନଷ୍ଟ୍ରେଟର ମାନସ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# କଞ୍ଚାମାଲ ଅଭାବ, ସାମଗ୍ରୀ ଚାହିଦା କମୁଛି

**ଦୁର୍ଦ୍ଦିନରେ ବାଉଁଶ କାରିଗର**



ବାଉଁଶରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଘରୋଇ ସାମଗ୍ରୀ।

**ବ୍ରହ୍ମପୁର ଅଫିସ୍,୨୫।୨**

ବ୍ରହ୍ମପୁରର ମେଦିରୀ ସଂପ୍ରଦାୟକ ଲୋକେ ପୂର୍ବରୁ ବାଉଁଶରେ ବିଭିନ୍ନ ପ୍ରକରର ସାମଗ୍ରୀ ତିଆରି କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ, ପଲିଥିନର ବ୍ୟବହାର ଯୋଗୁ ଏସବୁ ସାମଗ୍ରୀର ଚାହିଦା କମିବାରେ ଲାଗିଛି। ଯଦ୍ୱାରା ଏହାକୁ କୌଳିକ ବୃତ୍ତି ଭାବେ ଧରି ନେଇଥିବା ଲୋକେ ଏଥିରୁ ଦୂରେଇ ଯିବାକୁ ବାଧ ହେଉଛନ୍ତି। ସହରର ଟାଟାବେଞ୍ଚ ଛକ, ଗିରିମାର୍କେଟ, ସୁବାରାଓ ଛକ, ଠାକୁରାଣୀ ମନ୍ଦିର ସାହି, ଏସ୍ଏନ୍ଟି ରୋଡ଼ ଆଦି ସ୍ଥାନରେ ବାଉଁଶ ପାତରେ ତିଆରି ବିଭିନ୍ନ ସାମଗ୍ରୀ, ଘରୋଇ ଉପକରଣ ଓ ସାଜସଜ୍ଜା ଲାଗି ଉଦ୍ଦିଷ୍ଟ ଜିନିଷସବୁ ଦେଖିବାକୁ ମିଳୁଛି। ଟୋକେଇ, କୁଣ୍ଡି, ଚାଙ୍ଗୁଡ଼ି, ଚାଉଳଧୁଆ ଡାଲା, ତାଟି ଆଦି ବିକ୍ରି କରାଯାଉଥିଲେ ମଧ ବଜାରରେ ପ୍ଲାଷ୍ଟିକରେ ଠିକ ଏଭଳି ଜିନିଷସବୁ କମ୍ ଦାମରେ ମିଳୁଥିବାରୁ ବାଉଁଶ ସାମଗ୍ରୀକୁ ଲୋକେ ଆଗ୍ରହ ଦେଖାଉନାହାନ୍ତି । କେବଳ ବାହାଘର ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟ ସମୟରେ ଅଳ୍ପ ମାତ୍ରାରେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଯଥେଷ୍ଟ ପରିମାଣରେ ବାଉଁଶ ଆଉ ମିଳୁନି। ଏସବୁ କାରଣରୁ କୌଳିକ ବୃତ୍ତିରୁ ଦୂରେଇ ଯିବାକୁ ପଡୁଛି ବୋଲି ବ୍ୟବସାୟୀମାନେ କହିଛନ୍ତି।

**ସେମାନେ କୁହନ୍ତି.....**


ପାଞ୍ଚ ବର୍ଷର ହେବା ଦିନଠାରୁ ବାଉଁଶ କାରିଗରୀ କାମ କରିଆସୁଛି। ବାଉଁଶରେ ସାମଗ୍ରୀ ତିଆରି କରିବା ବାପା ଶିଖାଇଥିଲେ। ବାହାହୋଇ ଶାଶୁ ଘରକୁ ଆସି ଏଠାରେ ବି ବାଉଁଶରେ ବିଭିନ୍ନ ପ୍ରକାର ସମଗ୍ରୀ ତିଆରି କରୁଛି । ବାହାପୁଆଣିକୁ ଛାଡିଦେଲେ ଅନ୍ୟ ଦିନରେ ବାଉଁଶ ସାମଗ୍ରୀର ଚାହିଦା ରହୁନାହିଁ । ଭଲ ରୋଗକାର ହେଉ ନ ଥିବାରୁ ପିଲାମାନଙ୍କୁ ଏହି କାମ ଶିଖାଇନି।

**–ଏ. ଲକ୍ଷ୍ମୀ, ବାଉଁଶ କାରିଗର**


ବର୍ତ୍ତମାନ ସମୟରେ ସାରାଦିନ ପରିଶ୍ରମ କଲେ ବି ମାତ୍ର ୨୦୦ରୁ ୩୦୦ ଟଙ୍କା ମିଳୁଛି। ଲୋକେ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର କରୁଥିବାରୁ ବାଉଁଶ ସାମଗ୍ରୀର ଚାହିଦା ବଜାରରେ କମିବାରେ ଲାଗିଲାଣି । ଏହି ବୃତ୍ତିକୁ ଧରିରଖି ପରିବାର ଚଳାଇବା ମୁସ୍କିଲ ହୋଇପଡୁଛି ।

**– ଟି.ମାଧବ ରାଓ,ବାଉଁଶ କାରିଗର**


ସୋରଡା, ତୁମ୍ବା, ବଡ଼ଗଡ଼, ନୟାଗଡ଼, ମାଣିକପୁର ଆଦି ସ୍ଥାନରୁ ବାଉଁଶ ଆସେ। ସେଥିରୁ କୁଣ୍ଡି, ଚାଙ୍ଗୁଡ଼ି, ଚାଉଳଧୁଆ ଡାଲା, ତାଟି ଆଦି ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। ଲମ୍ବା ବାଉଁଶ ବରଗଡ଼ରୁ ଆସେ। ସେଗୁଡିକ ୭ ଫୁଟରୁ ଆରମ୍ଭ କରି ୨୦ ଫୁଟ ପର୍ଯ୍ୟନ୍ତ ଥାଏ। ଏହା ୨୨୦ରୁ ୫୦୦ ଟଙ୍କାରେ ବିକ୍ରି କରାଯାଇଥାଏ । ହେଲେ ଆଗପରି ଏହା ବିକ୍ରି ହେଉନି।

**– ଟି.ଦମୟନ୍ତୀ ,ବାଉଁଶ କାରିଗର**

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୫।୨:** ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ଧମକଚମକ ଦେବା ଅଭିଯୋଗରେ ଟାଉନ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଯୁବକ ଜଣଙ୍କ ଗେଟ୍‌ବଜାର ଗୋଲାପଲ୍ଲୀ ସାହିର ଟି.କିଷାନ କୁମାର (୨୫)। ମାମଲା ନମ୍ବର ୨୯/୨୦ରେ ମଙ୍ଗଳବାର କିଷାନଙ୍କୁ କୋର୍ଟଚାଲାଣ କରାଯାଇଛି ।

ଘଟଣାରୁ ପ୍ରକାଶ, କିଷାନ ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ସେ ବାରମ୍ବାର ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବାରୁ ତାଙ୍କ ମା' ଏହାର ପ୍ରତିବାଦ କରିଥିଲେ। ଫଳରେ କିଷାନ ସୋମବାର ପୀଡିତାଙ୍କ ଘରକୁ ଯାଇ ତାଙ୍କ ମା'ଙ୍କୁ ଧମକଚମକ ଦେବା ସହ ତାଙ୍କୁ ମଧ ଟଣାଓଟରା କରିଥିଲେ। ପରେ ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ।

### ଏସ୍‌ବିଆର୍ କଲେଜରେ ବିଦାୟକାଳୀନ ଉତ୍ସବ

**ବ୍ରହ୍ମପୁର ଅଫିସ,୨୫।୨:** ଶଶିଭୂଷଣ ରଥ(ଏସ୍‌ବିଆର) ସରକାରୀ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗର ବିଦାୟ କାଳୀନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଡ. ଚିତ୍ତରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧକ୍ଷା ଡ. ସଙ୍ଗୀତା ବାବୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. କୈଳାସ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ଚରିତ୍ର ଗଠନ କରିବା ଉପରେ ଧାନ ଦେବାକୁ ପରାମର୍ଶ ଦେଇଥିଲେ । ଅଧାପକ ଡ. ଦେବରାଜ ସ୍ୱାଇଁ, ବିଜୟ କୁମାର ପ୍ରଧାନ, ଅଧାପିକା ସ୍ୱାତୀ ଦୀପା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସନ୍ତୋଷିନୀ ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭାଗର ଶେଷ ବର୍ଷର ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ପାଟପୁର,୨୫।୨:** ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ନିରପତ୍ତା କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସାନଖେମୁଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀଦତ୍ତ ନାୟକ, ଜିଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ନାଥ ମଲାଣ, ସହକାରୀ ନିର୍ବାହୀଯନ୍ତ୍ରୀ ଭିକାରି ଖଣ୍ଡୁଆଳ, ବ୍ଲକ ଉପାଧକ୍ଷ ଗୋବିନ୍ଦ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏମଜିଏନ୍‌ଆର୍‌ଇଜିଏସରେ କାମ ପାଇ ନ ଥିବା ଶ୍ରମିକଙ୍କୁ ୧୦୦ ଦିନର କାର୍ଯ୍ୟ ଦିବସ ସୃଷ୍ଟି ଏହାକୁ ସମ୍ପାଦନରେ ସ୍ୱଚ୍ଛତା ରକ୍ଷା ପାଇଁ ତାଗିଦ କରିଥିଲେ। ଅଞ୍ଚଳରେ ଚାଲିଥିବା ମାଟି ରାସ୍ତା, ଆବାସ ଯୋଜନା, ମୋ କୁଡ଼ିଆ, ଶ୍ମଶାନ ଗୃହ, ନଳକୂପ ନିର୍ମାଣ ଆଦି କାର୍ଯ୍ୟର ସମୀକ୍ଷା କରିଥିଲେ ଅତିରିକ୍ତ ଜିଲାପାଳ। ବୈଠକରେ ସମସ୍ତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବିସିସି ବ୍ୟାଙ୍କ କର୍ମଚାରୀ ପାଇବେ ବର୍ଦ୍ଧିତ ଦରମା

**ପରିଚାଳନା ବୋର୍ଡ ବୈଠକରେ ନିଷ୍ପତ୍ତି**

**■ ୨୦୧୯ ଜୁଲାଇରୁ କାର୍ଯ୍ୟକାରୀ ହେଲା ସପ୍ତମ ବେତନ କମିଶନ ସୁପାରିସ**

ବ୍ରହ୍ମପୁର ଅଫିସ,୨୫।୨

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ପରିଚାଳନା ବୋର୍ଡ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟାଳୟ ସମେତ ଗଞ୍ଜାମ ଓ ଗଜପତି ଜିଲାରେ ଥିବା ବ୍ୟାଙ୍କର ୨୩ ଶାଖା କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ସୁପାରିସ ଅନୁସାରେ ବର୍ଦ୍ଧିତ ହାରରେ ଦରମା ଦେବାର ନିଷ୍ପତ୍ତି ନିଆଯାଇଛି। ତେବେ ରାଜ୍ୟ ସମବାୟ ନିବନ୍ଧକ (ରେଜିଷ୍ଟ୍ରାର)ଙ୍କ ନିର୍ଦ୍ଦେଶ ପ୍ରକାରେ ୨୦୧୯ ଜୁଲାଇରୁ କାର୍ଯ୍ୟକାରୀ ହେବ ଏବଂ ୮ ମାସର ବକେୟା ଟଙ୍କା ଓ ସରକାରଙ୍କ ଘୋଷଣା ଅନୁଯାୟୀ ୫% ମହଙ୍ଗା ଭତ୍ତା ଦେବା ପାଇଁ ଅନୁମୋଦନ କରାଯାଇଛି।

ଅପରପକ୍ଷରେ ଷଷ୍ଠ ବେତନ କମିଶନ ସୁପାରିସ ପ୍ରକାରେ ଏହି ସମବାୟ ବ୍ୟାଙ୍କ କର୍ମଚାରୀମାନେ ୨୦୦୬ ଆର୍ଥିକ ବର୍ଷରୁ ୨୦୦୯ ପର୍ଯ୍ୟନ୍ତ ବର୍ଦ୍ଧିତ ଦରମା ପାଇ ନ ଥିଲେ। ପରବର୍ତ୍ତୀ ସମୟରୁ ବର୍ଦ୍ଧିତ ଦରମା କାର୍ଯ୍ୟକାରୀ କରାଯାଇଥିଲା। ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ବକେୟା ପ୍ରାପ୍ୟ କର୍ମଚାରୀଙ୍କୁ ଦେବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ବକେୟା ଟଙ୍କା ବାବଦରେ ୬ କୋଟି ଦେବାକୁ ପଡ଼ିବାର ହିସାବ କରାଯାଇଛି। ଏହାକୁ ନେଇ ଡାଇରେକ୍ଟରମାନେ ତର୍ଜମା କରିଥିଲେ। ଏକକାଳୀନ ବକେୟା ପ୍ରାପ୍ୟ ଦିଆ ନ ଯାଇ ଚଳିତ ଆର୍ଥିକ ବର୍ଷରେ ୫୦% ଦିଆଯିବ ଓ ତନ୍ମଧ୍ୟରୁ ୨୫% ନଗଦ ଆକାରରେ ଏବଂ ଆଉ ୨୫% କର୍ମଚାରୀମାନଙ୍କ ସ୍ଥାୟୀ ଜମାରେ ରଖାଯିବ। ଆସନ୍ତା ଆର୍ଥିକ ବର୍ଷରେ ବକେୟା ପ୍ରାପ୍ୟର ୨୫% ଏବଂ ପରବର୍ତ୍ତୀ ଆର୍ଥିକ ବର୍ଷରେ ଅବଶିଷ୍ଟ ୨୫% ମଧ ବ୍ୟାଙ୍କ ଜମାଖାତାରେ ରଖାଯିବାର ନିଷ୍ପତ୍ତି ନିଆଯାଇଥିଲା।

ବୈଠକରେ ସଭାପତି ଅଲେଖ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଉପସଭାନେତ୍ରୀ ସିଏଚ୍ ତାରକେଶ୍ୱରୀଙ୍କ ସମେତ କୈଳାସ ରଣା, ସନ୍ତୋଷ କୁମାର ପାତ୍ର, ବସନ୍ତ କୁମାର ପଟ୍ଟନାୟକ, ଏ. ଖଲି ରେଡ୍ଡୀ, ଗାୟତ୍ରୀ ଦଳାଇ, ବି. ତ୍ରିନାଥ, ଆର. ରାମପ୍ରସାଦ, ବି. ଧନଞ୍ଜୟଲୁ, ସଞ୍ଜୟ କୁମାର ସେଠୀ, ଆପନ୍ନା ସେଠୀ, ଆର.ସରସ୍ୱତୀ ଓ ତମାଳ ନାୟକ ପ୍ରମୁଖ ଡାଇରେକ୍ଟରମାନେ ଯୋଗ ଦେଇଥିଲେ। ସରକାରୀ ମନୋନୀତ ଅଧିକାରୀ ଉପସ୍ଥିତ ଥିଲେ। ପରିଚାଳନା ବୋର୍ଡ ସମ୍ପାଦକ ତଥା ବ୍ୟାଙ୍କ ସିଇଓ ଭି.ତାରକା ନାଧମ ପ୍ରାରମ୍ଭିକ ସୂଚନା ସହ ଏଜେଣ୍ଡା ଉପସ୍ଥାପନ କରିଥିଲେ। ଚଳିତ ବର୍ଷର ରବି ଫସଲ ପାଇଁ ଚାଷୀଙ୍କୁ କୃଷି ଋଣ ଲଗାଣ ନେଇ ସମୀକ୍ଷା କରାଯାଇଥିଲା। ୨୦୭ କୋଟି ଧାର୍ଯ୍ୟ ଲକ୍ଷ୍ୟ ସ୍ଥଳେ ଫେବୃୟାରୀ ୨୪ ସୁଦ୍ଧା ୧୦୮ କୋଟି କୃଷି ଋଣ ଦିଆଯାଇଥିବା କୁହାଯାଇଥିଲା। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଋଣ ଦିଆଯିବାର ବ୍ୟବସ୍ଥା ହୋଇଥିବା ବୈଠକର ବିବରଣୀରୁ ସୂଚନା ମିଳିଛି।

# ନାଳରେ ଫସିରହିଛି ପଥର ବୋଝେଇ ଟ୍ରକ୍



ନାଳରେ ଫସି ରହିଥିବା ପଥର ବୋଝେଇ ଟ୍ରକ୍ ।

ବ୍ରହ୍ମପୁର ଅଫିସ,୨୫।୨

ବ୍ରହ୍ମପୁର ବଡ଼ରେଢ଼ିକା ସାହି ଛକ ନିକଟରେ ବହୁ ସମୟ ଧରି ଗୋଟିଏ ପଥର ବୋଝେଇ ଟ୍ରକ୍ (ଓଡ଼ି୦୭ଜେ ୩୬୧୧) ମଙ୍ଗଳବାର ନାଳରେ ଫସି ରହିଥିବାରୁ ଯାତାୟାତରେ ଅସୁବିଧା ହୋଇଥିଲା। ସ୍ଥାନୀୟ ଲୋକଙ୍କ ମତରେ ସୋମବାର ରାତି ପ୍ରାୟ ୧୧ଟାରେ ଉକ୍ତ ଟ୍ରକ୍ ବଡ଼ବଡ଼ ଦୁଇଟି ପଥରଖଣ୍ଡ ନେଇ ଜାତୀୟ ରାଜପଥ ଅଭିମୁଖେ ଯାଉଥିବା ସମୟରେ ଅପରପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ଟ୍ରକ୍‌କୁ ରାସ୍ତା ଛାଡିବାକୁ ଉଦ୍ୟମ କରିଥିବା ବେଳେ ମାଟି ଦବିଯିବାରୁ ନାଳ ଭିତରକୁ ଖସିଯାଇଥିଲା। ଏହା ପରେ ଡ୍ରାଇଭର ଗାଡ଼ି ଛାଡ଼ି ପଳାଇ ଯାଇଥିଲେ। ନିକଟରେ ଥିବା ୪ଜଣ ବ୍ୟକ୍ତିଙ୍କ ଆଡକୁ ଟ୍ରକ୍ ମାଡିଆସିବାରୁ ସେମାନେ ସେଠାରୁ ପଳାଇ ଯାଇଥିଲେ। ଫଳରେ ସେମାନେ ବର୍ତ୍ତି ଯାଇଥିଲେ। ଏ ସମ୍ପର୍କରେ ଟ୍ରାଫିକ ଥାନା ଅଧିକାରୀ ସୁନୀଲ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗାଡ଼ି ମାଲିକଙ୍କ ସହ ଯୋଗାଯୋଗ କରାଯାଇଛି। ଗାଡ଼ିକୁ ନାଳରୁ ବାହାର କରିବା ବ୍ୟବସ୍ଥା ହୋଇଛି। ଦିନରେ ବାହାର କରାଗଲେ ଟ୍ରାଫିକ ସମସ୍ୟା ହେବା ସମ୍ଭାବନା ରହିଛି। ତେଣୁ ମଙ୍ଗଳବାର ରାତି ସୁଦ୍ଧା ଟ୍ରକ୍‌କୁ ବାହାର କରାଯିବ।

# ୨୨୦ ଗ୍ରାହକଙ୍କ କଟାଗଲାଣି ବିଦ୍ୟୁତ୍ ସଂଯୋଗ

ଛତ୍ରପୁର,୨୫।୨(ଡି.ଏନ.ଏ.)

ସାଉଥ୍‌କୋ ୟୁଟିଲିଟି ପକ୍ଷରୁ ଛତ୍ରପୁର ଅଞ୍ଚଳରେ ମଙ୍ଗଳବାର ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ବିଦ୍ୟୁତ୍ ବିଚ୍ଛିନ୍ନ ଆରମ୍ଭ ହୋଇଛି। ଏହି ସବ୍‌ଡିଭିଜନ ଅଧୀନରେ ବିଭିନ୍ନ ଗ୍ରାହକଙ୍କ ଉପରେ ୨ କୋଟି ୪୧ ଲକ୍ଷ ୧୪ ହଜାର ଟଙ୍କା ବକେୟା ବିଦ୍ୟୁତ୍ ବିଲ୍ ରହିଛି । ଘରୋଇ ଗ୍ରାହକଙ୍କ ଉପରେ ୧.୨୬ କୋଟି ଟଙ୍କା ବାକି ରହିଥିବା ବେଳେ ବ୍ୟବସାୟୀ ଗ୍ରାହକଙ୍କ ଉପରେ ୧.୦୧ କୋଟି ଟଙ୍କା ଓ ଶିଳ୍ପାୟନ ଉପରେ ୧୪.୧୪ ଲକ୍ଷ ଟଙ୍କା ବାକିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାରଠାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏକ ୭ ଜଣିଆ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ବିଲ୍ ବକେୟା ଥିବା ୨୯ ଗ୍ରାହକଙ୍କ ସଂଯୋଗ ବିଚ୍ଛିନ୍ନ କରାଯାଇଛି।

ପ୍ରଥମ ଦିନରେ ୨.୮୨ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରାଯାଇଥିବା ବିଦ୍ୟୁତ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉକ୍ତ ସ୍କ୍ୱାଡ୍ ଛତ୍ରପୁର ସହରର ରିକାପଲ୍ଲୀ, ଭାଗ୍ୟଲକ୍ଷ୍ମୀନଗର, ମଝି ବଜାର, କଣମଣା ପଞ୍ଚାୟତ ଅଧୀନ ଟାକିରିଆ ବ୍ରହ୍ମପୁର, ଅଗସ୍ତିନୂଆଗାଁ, ଭିକାରିପଲ୍ଲୀ ପଞ୍ଚାୟତ ଅଧୀନ ଲଣ୍ଡା ବାଉଁଶ, ଦନେଇ ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳରୁ ବକେୟା ବିଲ୍ ମଗାଯାଇଥିଲା । ଛତ୍ରପୁର ସବ୍‌ଡିଭିଜନରେ ଘରୋଇ ଗ୍ରାହକ ୩୩୫୪୦ ଜଣ ଥିବା ବେଳେ ବ୍ୟବସାୟୀ ଗ୍ରାହକ ୧୮୬୩ ଜଣ ଓ ଶିଳ୍ପାୟନ ଗ୍ରାହକ ୧୦୫ ରହିଥିବା ଛତ୍ରପୁର ସବ୍‌ଡିଭିଜନ ଏସ୍‌ଡିଓ ରାଜ କିଶୋର ବଲ୍ଲଭ ସୂଚନା ଦେଇଛନ୍ତି। ପୂର୍ବରୁ ସାଉଥ୍ କୋ ପକ୍ଷରୁ ଗ୍ରାହକଙ୍କୁ ଡାକବାଜି ଯନ୍ତ୍ର ଯୋଗେ ବିଲ୍ ପୈଠ ନ କଲେ ସଂଯୋଗ କଟାଯିବ ବୋଲି ସୂଚନା ଦିଆଯାଇଥିଲା। ଏଥିସହ କେତେକ ଗ୍ରାହକଙ୍କୁ ମଧ ବକେୟା ବିଲ୍ ପୈଠ କରିବାକୁ ବିଭାଗ ପକ୍ଷରୁ ନୋଟିସ୍ ଦିଆଯାଇଥିବା ସୂଚନା ଦିଆଯାଇଛି ।



ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଛି ।

**ବିଲ୍ ବକେୟା ପ୍ରସଙ୍ଗ**

ଅପରପକ୍ଷରେ ଚଳିତ ମାସ ୧୨ରୁ ଏ ପର୍ଯ୍ୟନ୍ତ ୨୨୦ ଜଣଙ୍କ ବିଦ୍ୟୁତ୍ ସଂଯୋଗ କଟାଯିବା ସହ ୨୦ଲକ୍ଷ ଟଙ୍କା ଆଦାୟ ହୋଇଥିବା କୁହାଯାଇଛି। ଯଦି କୌଣସି ଗ୍ରାହକ ବିଲ୍ ବାକି ରଖିଥିବା ଏବଂ କହିବା ସତ୍ତ୍ୱେ ଏହା ପୈଠ କରୁନାହାନ୍ତି, ଏପରି କି ବିଦ୍ୟୁତ୍ ବିଚ୍ଛିନ୍ନ ସମୟରେ କର୍ମଚାରୀଙ୍କ ସହ ପାଟିତୁଣ୍ଡ କରନ୍ତି ସେମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଏସ୍‌ଡିଓ ସୂଚନା ଦେଇଛନ୍ତି। ଏପରି କି ଯେଉଁ ଗ୍ରାହକମାନଙ୍କ ବିଲରେ କୌଣସି ତ୍ରୁଟି ରହିଥିବ ସେ ସମ୍ପର୍କରେ ଛତ୍ରପୁର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆସି ସଂଶୋଧନ କରିବାକୁ ପରାମର୍ଶ ଦିଆଯାଇଛି ।

### ସାଇବର ଅପରାଧ ସଚେତନତା

ଦିଗପହଣ୍ଡି,୨୫।୨(ଡି.ଏନ.ଏ.)

ଦିଗପହଣ୍ଡି ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଖେମୁଣ୍ଡି କଲେଜ ପରିସରରେ ସାଇବର ଅପରାଧ ସମ୍ପର୍କିତ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସହାୟତା କମିଟିର ଅଧକ୍ଷ ତଥା ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ସଭାରେ ଅଧକ୍ଷତା କରିଥିଲେ। ଅଧକ୍ଷା ପ୍ରଣତି ପାତ୍ର, ଖେମୁଣ୍ଡି ଓକିଲ ସଂଘ ସଭାପତି ରସାନନ୍ଦ ରାଉତ, ସମ୍ପାଦକ ହରପ୍ରସାଦ ରଥ,ଏପିପି ବିପ୍ଳବ କୁମାର ମୁଦୁଲି, ଆଇନଜୀବୀ ସନ୍ତୋଷ କୁମାର ସାହୁ, ଆଇନ ସହାୟତା କମିଟି ସମ୍ପାଦକ ନୃସିଂହ ଚରଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଟିଏମ ବ୍ୟବହାରରେ ସାବଧାନତା, ମୋବାଇଲ ଫୋନ ବାବଦରେ ସୁରକ୍ଷିତ ପଦକ୍ଷେପ, ସୋସିଆଲ ୱେବସାଇଟରେ କଣ କରିବା ନ କରିବା ସେ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ମାଜିଷ୍ଟ୍ରେଟ ସଚେତନ କରିଥିଲେ। ସାଇବର ଅପରାଧ ହ୍ରାସ ପାଇଁ ସଚେତନତା ହିଁ ଏକମାତ୍ର ମାଧ୍ୟମ ବୋଲି ଅତିଥି କହିବା ସହ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ ଉପରେ ସଚେତନ କରାଯାଇଥିଲା। କୋର୍ଟ କର୍ମଚାରୀ କାଳିଆ ନାୟକ ଓ କଲେଜର ଅନ୍ୟ କର୍ମଚାରୀ ବୃନ୍ଦ ସଭା ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ଅଧାପକ ହର୍ଷ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଜସ୍ୱ ଉଦ୍ୟମ ଆଣିଦେଇଛି ସଫଳତା

ବ୍ରହ୍ମପୁର ଅଫିସ, ୨୫।୨

ବ୍ରହ୍ମପୁର ହଳଦିଆପଦରର ଜଣେ ସଫଳ କ୍ଷୁଦ୍ର ବ୍ୟବସାୟୀ ଦେବେନ୍ଦ୍ର ବିଜୟ ସୁବୁଦ୍ଧି । ଡିପଲ ସ୍କୁଲରେ ଦଶମ ପାସ୍ କରି ଖଲ୍ଲିକୋଟ କଲେଜରେ ବାଣିଜ୍ୟ ଆକାଉଣ୍ଟ ଅନର୍ସରେ ଶିକ୍ଷା ଶେଷ କରିଛନ୍ତି। ଉଚ୍ଚ ଶିକ୍ଷିତ ହୋଇ ମଧ ଚାକିରି ପ୍ରତି ଇଚ୍ଛା ନ ରଖି ସେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟକୁ ରୋଜଗାର ଯୋଗାଇ ପାରିଛନ୍ତି । ଜଣେ ସଫଳ ବ୍ୟବସାୟୀ ହେବା ତାଙ୍କର ଲକ୍ଷ୍ୟ ଥିଲା । ନିଜସ୍ୱ ଉଦ୍ୟମ ବଳରେ ସେ ଏହି ଲକ୍ଷ୍ୟ ହାସଲ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ସଫଳତା ବି ମିଳୁଛି।

ଦେବେନ୍ଦ୍ରଙ୍କ ବାପା ପି. ମୋହନରାଜ ସୁବୁଦ୍ଧି ମସଲା ବ୍ୟବସାୟ କରୁଥିଲେ। ମା' ପି. ସରୋଜିନୀଙ୍କ ସହଯୋଗରେ ଘରେ ମସଲା ପ୍ରସ୍ତୁତ କରାଯାଇ ଦୋକାନଗୁଡିକରେ ଦିଆଯାଉଥିଲା। ବାପାଙ୍କ ବ୍ୟବସାୟ ବଢ଼ାଇବା ପାଇଁ ଦେବେନ୍ଦ୍ର ୨୦୦୦ ମସିହାରେ ଏଥିରେ ସାମିଲ ହୋଇଥିଲେ । ସେ ମଧ ଦୋକାନକୁ ଦୋକାନ ବୁଲି ମସଲା ବିକିଥିଲେ। ଠାକୁର ନିଗମାନନ୍ଦଙ୍କ ଭକ୍ତ ଥିଲେ ବାପା। ତେଣୁ ତାଙ୍କୁ ସମ୍ମାନ ଦେବା ପାଇଁ ମସଲାର ନାଁ ବାବା ମସଲା ରଖାଯାଇଛି । କରି ପାଉଡ଼ର, ଚିକେନ ମସଲା, ଜିରା ପାଉଡ଼ର ଅରଦି ଏହି ନାଁରେ ବିକ୍ରି ଚାଲିଛି। ଦେବେନ୍ଦ୍ର ବହୁ ବାଧାବିଘ୍ନକୁ ସାମ୍ନା କରି ତାଙ୍କ କମ୍ପାନୀକୁ ଚଲାଇ ରଖିଛନ୍ତି। ଗଞ୍ଜାମ ସମେତ କୋରାପୁଟ, ଝାରସୁଗୁଡ଼ା, ବୌଦ୍ଧ ଆଦି ଜିଲାରେ ତାଙ୍କର କାରବାର ଚାଲିଛି। ପୂର୍ବରୁ ଭଲ ବ୍ୟବସାୟ ହେଉଥିଲା। ଜିଏସଟି ଲାଗୁ ହେବା ପରଠାରୁ ବ୍ୟବସାୟ କମିଥିବା କହିଛନ୍ତି। ଦିଲ୍ଲୀ, କୋଲକାତାରୁ ମେଶିନ ସାମଗ୍ରୀ ଆଣି କମ୍ପାନୀରେ ବ୍ୟବହୃତ ମେଶିନରେ ସେ ନିଜେ ଲଗାଇଛନ୍ତି। ମସଲା କମ୍ପାନୀରେ ୬ ଜଣଙ୍କୁ ରୋଜଗାର ଯୋଗାଇ ପାରିଛନ୍ତି ଦେବେନ୍ଦ୍ର। ଆଗକୁ ବ୍ୟବସାୟ ବଢ଼ାଇ ଅନେକ ଶିକ୍ଷିତ ଯୁବକଙ୍କୁ କାମ ଯୋଗ ଦେବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ବାପାଙ୍କଠାରୁ ଧୈର୍ଯ୍ୟ, ସହନଶୀଳତା, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଶିକ୍ଷାଲାଭ କରିଛି । ବ୍ୟବସାୟ ଲାଗି ମା' ଓ ବାପାଙ୍କଠାରୁ ସେ ପ୍ରେରଣା ପାଇଥିବା କହିଛନ୍ତି। ଚାକିରି ପାଇଁ ବର୍ଷ ବର୍ଷ ଅପେକ୍ଷା ନ କରି ନିଜେ ନିଜର ବୁଦ୍ଧି ଓ ପରିଶ୍ରମ ଦ୍ୱାରା ବ୍ୟବସାୟ କରନ୍ତୁ ବୋଲି ଦେବେନ୍ଦ୍ର ଶିକ୍ଷିତ ବେକାର ଯୁବଗୋଷ୍ଠୀଙ୍କୁ ପରାମର୍ଶ ଦେଇଛନ୍ତି।


ଦେବେନ୍ଦ୍ର ବିଜୟ ସୁବୁଦ୍ଧି।

# ରାଜାଙ୍କୁ ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର ଅଫିସ,୨୫।୨

ମହିଳା ବିଜେଡି ନେତ୍ରୀ ସ୍ୱର୍ଗତା ମୀନାକ୍ଷୀ ମିଶ୍ରଙ୍କ ପୁଅ ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ମଙ୍ଗଳବାର ସର୍ତ୍ତମୂଳକ ଜାମିନ ମିଳିଛି। ଏଥିପାଇଁ ୨୦ ହଜାର ଟଙ୍କାର ବେଲ୍ ବଣ୍ଡ ସହିତ ୨ ଜାମିନଦାରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଅତିରିକ୍ତ ଦୌରା ଜଜ୍ -୧ ଡ଼.ପ୍ରସନ୍ନ କୁମାର ପଣ୍ଡା ରାଜାଙ୍କ ଜାମିନ ଆବେଦନର ଶୁଣାଣିକରି ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ମାମଲାର ତଦନ୍ତରେ ପୋଲିସକୁ ସହଯୋଗ କରିବା, କୌଣସି ସାକ୍ଷୀଙ୍କୁ ଧମକଚମକ ନ ଦେବା ନେଇ ସର୍ତ୍ତ ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏକ ଆକ୍ରମଣ ମାମଲାରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ରାଜାଙ୍କୁ ଗତ ୧୩ ତାରିଖରେ (ଏଡିଜେ) ପଣ୍ଡା ୪ଟି ସର୍ତ୍ତରେ ଅନ୍ତରୀଣ ଜାମିନ ଦେଇଥିଲେ। ୨୫ ତାରିଖରେ ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ସେହି ଅନୁଯାୟୀ ସେ ଆତ୍ମସମର୍ପଣ କରିଥିଲେ। ପରେ ତାଙ୍କୁ ଜାମିନ ମିଳିଥିଲା ବୋଲି ଓକିଲ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ରାଜାଙ୍କୁ ମିଥ୍ୟା ମାମଲା ବୈଦ୍ୟନାଥପୁର ପୋଲିସ ଗିରଫ କରିଥିବା ପ୍ରତିବାଦରେ ତାଙ୍କ ମା' ମୀନାକ୍ଷୀ ଗତ ୧୨ ତାରିଖରେ ନ୍ୟାୟ ପାଇଁ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କୁ ଭେଟିବାକୁ ଯାଇଥିଲେ। ସେଠାରେ ଏସ୍‌ପି ମିଶ୍ର କୌଣସି କାମରେ ବ୍ୟସ୍ତ ଥିବା ବେଳେ ତାଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା। ପରେ ସେ ଜଣେ ଏଏସ୍‌ପିଙ୍କୁ ଭେଟିଥିଲେ ମଧ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ସେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଗତ ୧୪ ତାରିଖରେ ମୀନାକ୍ଷୀଙ୍କୁ କଟକ ବଡ଼ମେଡିକାଲରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ଅଣା ଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତ ୨୦ ତାରିଖରେ ମୃତ୍ୟୁ ଘଟିଥିଲା। ଏଣୁ ରାଜାଙ୍କ ତରଫରୁ ତାଙ୍କ ଓକିଲ ଗତ ୧୩ ତାରିଖରେ ଏଡିଜେ-୧ଙ୍କ କୋର୍ଟରେ ଜାମିନ ପାଇଁ ଆଗୁଆ ପିଟିଶନ ଦାଖଲ କରିଥିଲେ। କୋର୍ଟରେ ସରକାରୀ ଓକିଲ ଅନିଲ ସାହୁ ଓ ମୁଦାଲାଙ୍କ ଓକିଲ ଦୀପକ ପଟ୍ଟନାୟକଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ଏହାର ଶୁଣାଣି କରି ଏଡିଜେ -୧ ପଣ୍ଡା ଅଭିଯୁକ୍ତ ରାଜାଙ୍କୁ ଗତ ୧୩ ତାରିଖରେ ଅନ୍ତରୀଣ ଜାମିନ ଦେବା ସହ ଆସନ୍ତା ୨୫ ତାରିଖରେ ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ୨୨ଦିନ ପରେ ବି ମିଳିନି ବ୍ୟବଚ୍ଛେଦ ରିପୋର୍ଟ

**କମ୍ପ୍ୟୁଟର ଅପରେଟରଙ୍କ ମୃତଦେହ ଉଦ୍ଧାର ଘଟଣା**

ବ୍ରହ୍ମପୁର ଅଫିସ,୨୫।୨

ସରକାରୀ ରେଳବାଇ ପୋଲିସ (ଜିଆରପି) ଗତ ୪ ତାରିଖରେ ସ୍ଥାନୀୟ ଖୋଡାସିଂ ନିକଟ ଏଲଆଇସି କାର୍ଯ୍ୟାଳୟ ରେଳଧରଣା କଡ଼ରୁ ଲଡୁ ଓରଫ ଭୁବନେଶ୍ୱର ନାୟକଙ୍କ ମୃତଦେହ ଜବତ କରିଥିଲା। ଭୁବନେଶ୍ୱରଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ମୃତଦେହ ବ୍ୟବଛେଦ ପ୍ରାଥମିକ ରିପୋର୍ଟ ଅନୁସାରେ ଟ୍ରେନ ଧକ୍କା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ବୋଲି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଥିଲେ। ମୃତ୍ୟୁର ୨୨ ଦିନ ପରେ ବି ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇ ନ ଥିବା ପୋଲିସ କହିଛି। ଅନ୍ୟପଟେ ପୁଅକୁ ହତ୍ୟା କରାଯାଇଥିବା ନେଇ ବାପା ଗଣପତି ଅଭିଯୋଗ କରିଥିଲେ ମଧ ତାଙ୍କ ପୁଅର ମୃତ୍ୟୁ ଏବେ ବି ରହସ୍ୟାବୃତ ହୋଇରହିଛି।

ଘଟଣାରୁ ପ୍ରକାଶ ଖଲ୍ଲିକୋଟ କଲେଜ ଝାନ୍ସିରାଣୀ ଛାତ୍ରାବାସରେ ଜଗୁଆଳି ଭାବେ ଗଣପତି ନାୟକ କାମ କରୁଥିଲେ। ଗଣପତିଙ୍କ ସ୍ତ୍ରୀ ରମା ପୁଅ ଭୁବନେଶ୍ୱରଙ୍କ ସହ ସେଠାରେ ରହୁଥିଲେ। ଗତ ୩ ତାରିଖ ରାତି ସାଢ଼େ ୯ ଟା ବେଳେ ପୁଅ ଭୁବନେଶ୍ୱର ଅନ୍ନପୂର୍ଣ୍ଣା ବଜାରରେ ଥିବା ବେଳେ ସେ ଘରେ କିଛି ସମୟ ମଧ୍ୟରେ ପହଞ୍ଚିବେ ବୋଲି ଫୋନରେ ମା'ଙ୍କୁ ଜଣାଇଥିଲେ। ରାତି ସାଢେ ୧୦ ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ବାପା ଓ ମା 'ଙ୍କ ଚିନ୍ତା ବଢିଥିଲା। ଗଣପତି ପୁଅର ମୋବାଇଲକୁ ଫୋନ କରିଥିଲେ ମଧ ଉତ୍ତର ମିଳି ନ ଥିଲା। ପରେ ସେମାନେ ରାତି ସାରା ପୁଅକୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ତା' ପରଦିନ ଅର୍ଥାତ ୪ ତାରିଖ ମଧାହ୍ନରେ ପୁଅର ମୃତଦେହ ଖୋଡାସିଂ ରେଳଧରଣା କଡରେ ପଡିଥିବା ନେଇ ସେମାନେ ଖବର ପାଇଥିଲେ। ଘଟଣାସ୍ଥଳରେ ପହଞ୍ଚି ପୁଅକୁ କେହି ହତ୍ୟା କରି ଥିବା ନେଇ ପୋଲିସରେ ଅଭିଯୋଗ କରିଥିଲେ।

# ବ୍ରହ୍ମପୁରର ପୁରାତନ ଲଛମନ ବାଲାଜୀ ବିହାରୀ ମଠ

ବ୍ରହ୍ମପୁର ଅଫିସ,୨୫।୨

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମଠଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବ୍ରହ୍ମପୁର ସହର ମଧ୍ୟରେ ଥିବା ବହୁ ପୁରାତନ ହରିଡ଼ାଖଣ୍ଡି ଲକ୍ଷ୍ମୀ ନୃସିଂହ ମଠ, ହନୁମାନ ବଜାର ବାଲାଜୀ ମଠ, କସ୍ତୁରୀ ମଠ ଓ ଲାଲ୍ ଦାସ ମଠ ସମେତ ବିଭିନ୍ନ ସ୍ଥାନରେ ପାଖାପାଖି ୧୫ରୁ ଊର୍ଦ୍ଧ୍ୱ ଶହ ଶହ ବର୍ଷର ପୁରାତନ ମଠ ଓ ମନ୍ଦିର ରହିଛି। ସେଥିମଧ୍ୟରୁ ଶଙ୍କରପୁର ସାହିସ୍ଥିତ ଲଛମନ ବାଲାଜୀ ବିହାରୀ ମଠ ଅନ୍ୟତମ । ମଠ ମହନ୍ତ ରାମଶରଣ ଦାସ ଗୋସ୍ୱାମୀଙ୍କ କହିବା ଅନୁସାରେ, ଏହି ମଠ ୪୫୦ ବର୍ଷରୁ ଊର୍ଦ୍ଧ୍ୱ। ଏହାକୁ ପ୍ରଥମେ ରମାନନ୍ଦ ସମ୍ପ୍ରଦାୟ ଗୁରୁ ରାମାରତ୍ନ ଦାସ ଗୋସ୍ୱାମୀଙ୍କ ଦ୍ୱାରା ତ୍ରିପତି ବାଲାଜୀ ଶିଷ୍ୟମାନେ ଦକ୍ଷିଣ ଭାରତରୁ ଆସି ପ୍ରତିଷ୍ଠା କରିଥିଲେ। ସେଥି ନିମନ୍ତେ ଏହାର ନାମ ଲଛମନ ବାଲାଜୀ ବିହାରୀ ମଠ ରଖାଯାଇଛି। ଏହାର ଲକ୍ଷ୍ୟ ହିନ୍ଦୁ ଧର୍ମର ପ୍ରସାର ଏବଂ ଛାତ୍ରମାନଙ୍କୁ ଜ୍ଞାନ କୌଶଳ ବିକାଶ କ୍ଷେତ୍ରରେ ଶିକ୍ଷା ଦେବା। ମଠ ଇତିହାସ ଅନୁସାରେ, ଏହା ପ୍ରାୟ ଛଅ ପିଢ଼ି ଅତିକ୍ରମ କରି ସାରିଛି। ମହନ୍ତ ରାମଶରଣ ଦାସ ଗୋସ୍ୱାମୀଙ୍କ କହିବାନୁସାରେ, ୧୯୬୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ଏହି ମଠ ସହିତ ଅଙ୍ଗାଙ୍ଗି ଭାବେ ଜଡ଼ିତ । ମହନ୍ତ ଜୟରାମ ଦାସ ଗୋସ୍ୱାମୀଙ୍କଠାରୁ ମୁଁ ୧୯୮୦ରେ ମଠାଧୀଶ ଦାୟିତ୍ୱ ନେଇଥିଲି। ଉକ୍ତ ମଠ କେବଳ ଧର୍ମ ସୁରକ୍ଷା ଦେଇ ଆସିଛି ତାହା ନୁହେଁ, ହିନ୍ଦୁ ଧର୍ମ ସଂସ୍କୃତି ଓ ପରମ୍ପରା ସହିତ ଜଡ଼ିତ ବହୁ ପର୍ବପର୍ବାଣି ଏଠାରେ ପାଳନ କରାଯାଉଛି । ଯେମିତିକି ଗୁରୁ ମହୋତ୍ସବ, ରାମ ନବମୀ ଏବଂ ଜନ୍ମାଷ୍ଟମୀ ସମେତ ଅନ୍ୟ ପର୍ବପର୍ବାଣି ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ପାଳିତ ହେଉଛି। ବ୍ରହ୍ମପୁର ସହରବାସୀଙ୍କ ପାଇଁ ମଠର ବହୁ ଅବଦାନ ରହିଛି। ସେଥିମଧ୍ୟରୁ ଦକ୍ଷିଣପୁର ଜଳଯୋଗାଣ ପ୍ରକଳ୍ପରେ ବ୍ୟବହାର କରାଯାଇଥିବା ଜମି ମଧ୍ୟରୁ ମଠର ପ୍ରାୟ ୨୫ ଏକର ଦିଆଯାଇଛି । ବର୍ତ୍ତମାନ ଯୁବପିଢିମାନେ ସମାଜ ପ୍ରତି ମଠ ଓ ମନ୍ଦିରର ମହତ୍ତ୍ୱ ବୁଝିପାରୁ ନାହାନ୍ତି, କିମ୍ବା ଉକ୍ତ ସ୍ଥାନକୁ ଆସୁନାହାନ୍ତି । ଫଳରେ ସମାଜରୁ ମଠ ଓ ମନ୍ଦିରର ଗୁରୁତ୍ୱ ଧୀରେ ଧୀରେ ଲୋପ ପାଇବାକୁ ଲାଗିଛି ।

ସେହିପରି ମହନ୍ତ ଆହୁରି କହିଛନ୍ତି, ଗଞ୍ଜେଇ ଆଖଡ଼ା ଓ ମା' ଭାଟି ଏ ସବୁ ବିନାଶ କରି ସେଠାରୁ ଦୂରେଇ ରହିବା ଏବଂ ନିଜ ଧର୍ମ ପରିତ୍ୟାଗ ନ କରିବାକୁ ଅନୁରୋଧ କରିଛନ୍ତି । ଆମେ ଯଦି ଚାହିଁବା ତେବେ ନିଜ ଧର୍ମରେ ଶ୍ରେଷ୍ଠ ହୋଇପାରିବା। ନିଜ ମା' ବାପା ଓ ଗୁରୁଜନଙ୍କ ସେବା କରିବା ସହ ସେମାନଙ୍କ କଥା ମାନିବା । ନଚେତ ଆଗାମୀ ଦିନରେ ହିନ୍ଦୁ ଧର୍ମ ପତନ ଅଭିମୁଖୀ ହୋଇଯିବ ।


ଲଛମନ ବାଲାଜୀ ବିହାରୀ ମଠ।




ମହନ୍ତ ରାମଶରଣ ଦାସ ଗୋସ୍ୱାମୀ।

## ସଂକ୍ଷେପରେ

### ହୋଟେଲରେ ବୃଦ୍ଧାଙ୍କ ଆତ୍ମହତ୍ୟା

ସୁନାବେଡ଼ା,୨୫।୨: କୋରାପୁଟ ଜିଲା ସୁନାବେଡ଼ା ପୌର ପରିଷଦସ୍ଥିତ ସୁନାବେଡ଼ା-୧ ବସ୍‌ଷ୍ଟାଣ୍ଡ ନିକଟରେ ମାର୍କେଟର ଜଣେ ହୋଟେଲ ମାଲିକ ରାଧାଶ୍ୟାମ ପଣ୍ଡା (୫୫) ନିଜ ହୋଟେଲ ଭିତରେ ହିଁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବ୍ୟକ୍ତି ଜଣକ ପୋଲିସ କ୍ୟାମ୍ପ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି, ତାହା ଅସ୍ପଷ୍ଟ ରହିଛି। ତାଙ୍କ ପୁତ୍ର ଶିବ ଶଙ୍କର ପଣ୍ଡା ସୁନାବେଡ଼ା ଥାନାରେ ଏନେଇ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ସୁନାବେଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି, ତାହାର ତଦନ୍ତ ଜାରି ରଖିଛି। ମୃତଦେହ ବୁଧବାର ବ୍ୟବଚ୍ଛେଦ କରିବା ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ପଠାଯିବ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୁନାବେଡ଼ା ଥାନା ଏଏସ୍‌ଆଇ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ମାଛକୁଣ୍ଡ ବିଦ୍ୟୁତ୍ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା

ସେମିଳିଗୁଡ଼ା(ସ୍ୱ.ପ୍ର.)/ଅନକାଡେଲି, ୨୫।୨(ସ୍ୱ.ପ୍ର.): ଲମତାପୁଟ ବ୍ଲକ ଚିକେନପୁଟ ପଞ୍ଚାୟତର ମାଛକୁଣ୍ଡ ବିଦ୍ୟୁତ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ପ୍ରକଳ୍ପର କର୍ମଚାରୀ ଓ ଅଞ୍ଚଳବାସୀ ଉତ୍ତ୍ୟକ୍ତ ହୋଇ ତାଲା ପକାଇଛନ୍ତି। ଉଲ୍ଲେଖଯୋଗ୍ୟ, ମାଛକୁଣ୍ଡରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଆଖପାଖ ଅଞ୍ଚଳର ପ୍ରାୟ ୬ଟି ପଞ୍ଚାୟତର ଜନସାଧାରଣଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବା ଦିନ ରାତି ଯୋଗାଇଦେବାକୁ ପ୍ରକଳ୍ପ ପକ୍ଷରୁ ଚୁକ୍ତିନାମା ହୋଇଥିଲା। କିନ୍ତୁ ଦୁଃଖର ବିଷୟ କୌଣସି ସେବା ଏଯାବତ୍ ମିଳିନାହିଁ। ଫଳରେ ଅଞ୍ଚଳବାସୀ ଉତ୍ତ୍ୟକ୍ତ ହୋଇ ପ୍ରକଳ୍ପ ଅଧିକାରୀ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଲା ପକାଇ ଦେଇଥିଲେ। ଏହା ମଧ ଚୁକ୍ତିନାମାରେ ଉଲ୍ଲେଖ ହୋଇଥିଲା ଯେ ଉକ୍ତ ଅଞ୍ଚଳରେ ରହିଥିବା ପ୍ରାୟ ୬ଟି ପଞ୍ଚାୟତର ଜନସାଧାରଣଙ୍କୁ ଉନ୍ନତଧରଣର ସ୍ୱାସ୍ଥ୍ୟସେବା ସହ ଆମ୍ବୁଲାନ୍ସ ସେବା ମଧ ଯୋଗାଇଦେବା ପାଇଁ ଚୁକ୍ତି ହୋଇଥିବା ବେଳେ ସେବା ଦେବା ତ ଦୂରର କଥା, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟ ଏକ କମ୍ପାନୀ ହାତରେ ଦିଆଯାଇଥିବା ଅଭିଯୋଗ ହେଉଛି। ଫଳରେ ଅଞ୍ଚଳର ଜନସାଧାରଣ ଓ କେତେକ ବିପକ୍ଷବାଦୀ ମିଶି ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଲା ପକାଇ ଦେଇଥିବା ଜଣାପଡ଼ିଛି। ଏହାକୁ ନେଇ ମଙ୍ଗଳବାର ବିଦ୍ୟୁତ ପ୍ରକଳ୍ପର କେତେକ ସପକ୍ଷବାଦୀ କର୍ମଚାରୀ ଓ ଜନସାଧାରଣ ମିଶି ସ୍ୱାସ୍ଥ୍ୟକେନ୍ଦ୍ରକୁ ଖୋଲିବା ପାଇଁ ବିପକ୍ଷବାଦୀଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ବିଡିଓ ସୌମ୍ୟ ସାର୍ଥକ ମିଶ୍ର, ଏସ୍‌ଡିପିଓ ତପନ ମହାନନ୍ଦ, ପ୍ରକଳ୍ପ ନିର୍ଦ୍ଦେଶକ, ଏଏସଆଇ ପ୍ରଫୁଲ ଲାକ୍ରାଙ୍କ ଉପସ୍ଥିତରେ ସପକ୍ଷ ଓ ବିପକ୍ଷବାଦୀଙ୍କ ମଧରେ ଶାନ୍ତି କମିଟି ଗଠନ କରାଯିବା ସହ ଅଞ୍ଚଳବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖୋଲାଯାଇଥିଲା।

### ପୁଣି ମଣ୍ଡି ଖୋଲି ଧାନ କିଣିବାକୁ ଦାବି

ଜୟପୁର,୨୫।୨(ଡି.ଏନ୍.ଏ.): କୋରାପୁଟ ଜିଲାରେ ଧାନ ବିକ୍ରି କେନ୍ଦ୍ର (ମଣ୍ଡି) ବନ୍ଦ ରହିଛି। ଫଳରେ କୁନ୍ଦୁରା ବ୍ଲକ ରାଣୀଗୁଡ଼ା ଓ ପକନାଗୁଡ଼ା ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ବିକିପାରି ନାହାନ୍ତି। ତେଣୁ ସେମାନେ ଜୟପୁର ଉପଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିବା ସହ ମଣ୍ଡି ପୁଣିଥରେ ଆରମ୍ଭ କରିବା ଓ ଟୋକନ ଦେଇ ଧାନ କିଣାଯିବା ପାଇଁ ଦାବି କରିଛନ୍ତି। ରାଣୀଗୁଡ଼ାରେ ୨୫ ଓ ପକନାଗୁଡ଼ାରେ ୧୦ ଜଣ ଚାଷୀଙ୍କ ନାମ ପଞ୍ଜିକୃତ ହୋଇଥିଲେ ମଧ ହଠାତ୍ ମଣ୍ଡି ବନ୍ଦ କରାଯାଇଥିବା ଯୋଗୁ ଟୋକନ ମିଳିପାରି ନାହିଁ। ଫଳରେ ଅମଳ ଧାନ ବିକିବାରୁ ବଞ୍ଚିତ ହୋଇଛନ୍ତି ଉପରୋକ୍ତ ଚାଷୀ। ଉଭୟ ପଞ୍ଚାୟତର ୯୮ ପ୍ରତିଶତ ବାସିନ୍ଦା ଚାଷ ଉପରେ ନିର୍ଭର କରନ୍ତି। ଧାନ ବିକ୍ରି ହୋଇ ନ ପାରିଲେ ସେମାନେ ସରକାରଙ୍କ ନିର୍ଦ୍ଧାରିତ ଦରଠାରୁ ୪ରୁ ୫ ଶହ ଟଙ୍କା କମ୍ ଦରରେ ଦଲାଲ ଓ ମିଲ ମାଲିକଙ୍କୁ ଧାନ ବିକିବାକୁ ବାଧ ହେବେ। ଏଭଳି ସ୍ଥିତିରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବାର ଆଶଙ୍କା ବୃଦ୍ଧି ପାଇଛି। ସରକାର ବନ୍ଦ ମଣ୍ଡିରେ ତୁରନ୍ତ ପୁଣିଥରେ ଧାନ କିଣିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ୯ ଦିନରେ କଟିଲା ୨ ହଜାର ସଂଯୋଗ

## ବିଦ୍ୟୁତ୍ ବିଲ୍ ବକେୟା ରଖିଛନ୍ତି ଗ୍ରାହକ

ଜୟପୁର,୨୫।୨(ନି.ପ୍ର.)

ବିଦ୍ୟୁତ ବିଲ ପୈଠ ନ କଲେ ଫେବୃୟାରୀ ୧୬ରୁ ସଂଯୋଗ କାଟିବା ପାଇଁ ସାଉଥ୍‌କୋ ଦେଇଥିବା ଚେତାବନୀକୁ ଗ୍ରାହକ ଭୃକ୍ଷେପ କରିନାହାନ୍ତି। ଜୟପୁର ଉପଖଣ୍ଡରେ ବିଜୁଳି ବିଲ ୯୬ କୋଟି ବକେୟା ପଡ଼ିଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପୂର୍ବକ ସାଉଥ୍‌କୋ ଗତ ୯ ଦିନରେ ୨ ହଜାର ଗ୍ରାହକଙ୍କ ବିଜୁଳି ସଂଯୋଗ କାଟିବା ଛିନ୍ନ କରିବା ସହ ୧ କୋଟି ୮୦ ଲକ୍ଷ ଟଙ୍କା ବକେୟା ଆଦାୟ କରିଛି।

ଜୟପୁର ସାଉଥ୍‌କୋ ୟୁଟିଲିଟି ଡିଭିଜନ ଅଧୀନରେ ଜୟପୁର, ବୈପାରିଗୁଡ଼ା, କୁନ୍ଦୁରା, ବୋରିଗୁମ୍ମା, କୋଟପାଡ଼, ଲମତାପୁଟ ବ୍ଲକରୁ ୨ ହଜାର ଗ୍ରାହକଙ୍କ ସଂଯୋଗ କଟାଯାଇଛି। ଜୟପୁର ଡିଭିଜନ ଅଧୀନରେ ୧ ଲକ୍ଷ ୫୨ ହଜାର ୨୨୭ ଜଣ ଉପଭୋକ୍ତା ରହିଥିବା ବେଳେ ୩୦ ହଜାର ଉପଭୋକ୍ତା ନିୟମିତ ବିଜୁଳି ବିଲ ପୈଠ କରନ୍ତି। ୯୬ କୋଟି ୭୫ ଲକ୍ଷ ଟଙ୍କା ବକେୟା ଥିବାବେଳେ ୧୨୭୦ ସରକାରୀ ଗ୍ରାହକ ଓ ୫ କୋଟି ୪୧ ଲକ୍ଷ ଟଙ୍କା ବକେୟା ରହିଛି। ଜୟପୁର ଡିଭିଜନ ପଞ୍ଚାୟତରାଜ ବିଭାଗର ୨ କୋଟି ୧୩ ଲକ୍ଷ ୭୬ ହଜାର ୧୦୬ ଟଙ୍କା, ପୌର ପରିଷଦର ୪୦ ଲକ୍ଷ ୬୭ ହଜାର ୭୦୯ ଟଙ୍କା ବକେୟା ପଡ଼ିଛି। ଜୟପୁର ଡିଭିଜନ ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ଗୌଡ଼ କହିଛନ୍ତି, ସରକାରୀ ବିଭାଗକୁ ବକେୟା ପଇଠ କରିବାକୁ କୁହାଯାଇଛି। ସେମାନେ ଶୀଘ୍ର ଦେବେ। ଉପଭୋକ୍ତାଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ଦିଆଯାଉଛି। ଯେଉଁମାନେ ବକେୟା ନ ଦେବେ, ସେମାନଙ୍କ ସଂଯୋଗ କଟାଯିବା ପାଇଁ ନିଷ୍ପତ୍ତି ହୋଇଛି। ସେହି ଅନୁଯାୟୀ ବିଭାଗ ପଦକ୍ଷେପ ନେଉଛି। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ପରୀକ୍ଷା ଋତୁ ଚାଲିଥିବା ବେଳେ ବିଦ୍ୟୁତ ସଂଯୋଗ କାଟିବା ଦ୍ୱାରା ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଥିବାରୁ ଗ୍ରାହକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

# କୋଟପାଡ଼ରେ ଜନସମ୍ପର୍କ ଶିବିର



ଜନସମ୍ପର୍କ ଶିମିରରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

କୋଟପାଡ଼,୨୫।୨(ଡି.ଏନ୍.ଏ.)

କୋଟପାଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମଙ୍ଗଳବାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଜୟପୁର ଆନୁକୂଲ୍ୟରେ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଅଂଶୁମାନ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଆଇଟିଡିଏ ପିଏ ଗୋପୀନାଥ ସାରକା ଯୋଗ ଦେଇଥିଲେ। ଏଥିରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଗ୍ରାମାଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟ ମାଧମରେ ଲୋକେ ରୋଜଗାରକ୍ଷମ ହେବା ନେଇ ଆଲୋଚନା କରାଯାଇଥିଲା। ତେବେ ଶିବିର ହେଉଥିବା ନେଇ କେତେକ ପଞ୍ଚାୟତର ଲୋକେ ଜାଣିପାରୁ ନ ଥିବା ସାଧାରଣରେ ଶୁଣିବାକୁ ମିଳିଥିଲା। ଏପରିକି ଗଣମାଧମ ପ୍ରତିନିଧିଙ୍କୁ ମଧ ଏନେଇ ସୂଚନା ଦିଆଯାଇ ନ ଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବୈଦ୍ୟନାଥ ପୂଜାରୀ, ଜିଲା ପରିଷଦ ସଭ୍ୟା ଦୁରୁପତା ଭତ୍ରା ଓ ଅନ୍ୟ ଲୋକ ପ୍ରତିନିଧି, ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ୬ ରେଞ୍ଜରେ ୧୦ ଦଳ ପ୍ରସ୍ତୁତ ଜଙ୍ଗଲରେ ଅଗ୍ନି ନିୟନ୍ତ୍ରଣ

ଜୟପୁର,୨୫।୨(ଡି.ଏନ୍.ଏ.)

ଜଙ୍ଗଲରେ ନିଆଁ ଲାଗିଲେ ଏହାକୁ ଆୟତ୍ତ କରିବା ପାଇଁ କୋରାପୁଟ ଜିଲା ଜୟପୁର ବନାଞ୍ଚଳର ୬ଟି ରେଞ୍ଜରେ ୪ଟି ଡିଭିଜନର ୧୦ଟି ଦଳ ଗଠନ କରାଯାଇଛି। ଗ୍ରାମବାସୀଙ୍କୁ ସଚେତନ କରାଯିବା ସହ ଚଳିତ ବର୍ଷ ସେମାନଙ୍କୁ ନେଇ ଗଠିତ ବନ ସୁରକ୍ଷା ସମିତିଙ୍କୁ ପୁରସ୍କାର ଘୋଷଣା କରାଯାଇଛି। ଜଙ୍ଗଲକୁ ସୁରକ୍ଷା ଦେବା ସହ ଆଦୌ ନିଆଁ ନ ଲାଗିଲେ ସମ୍ପୃକ୍ତ ବନ ସୁରକ୍ଷା ସମିତିକୁ ୫ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଏସିଏଫ ସୁବାସ ଚନ୍ଦ୍ର ଖୁଣ୍ଟିଆ ସୂଚନା ଦେଇଛନ୍ତି। ସେହିପରି ପ୍ରତ୍ୟେକ ଦଳରେ ୧୦ ଜଣ ତାଲିମପ୍ରାପ୍ତ ନିଆଁ ଲିଭାଳି ସଦସ୍ୟ ରହିବେ। ନିଆଁ ଲିଭାଳି ଦଳ ନିକଟରେ ୩୨ଟି ହାଇଏର ବ୍ରଏଲର, ଲୁହା ଝାଡୁ ଓ ଅନ୍ୟ ସାମଗ୍ରୀ ଦିଆଯାଇଛି। ଜୟପୁର ବନାଞ୍ଚଳରେ ଥିବା ୫୪୯ଟି ବନ ସୁରକ୍ଷା ସମିତି ସହାୟତାରେ ନିଆଁକୁ ଆୟତ୍ତ କରିବା ପାଇଁ ପ୍ରସ୍ତୁତି କରାଯାଇଛି।

## ଗଞ୍ଜେଇ ମାମଲାରେ ଫେରାର ନାବାଳକ ଅଟକ

ଜୟପୁର,୨୫।୨(ନି.ପ୍ର.): ଗଞ୍ଜେଇ ଚାଲାଣ ମାମଲାରେ ଫେରାର ଥିବା ଜଣେ ନାବାଳକଙ୍କୁ ଧରିବାରେ ସଫଳ ହୋଇଛି ଜୟପୁର ସଦର ପୋଲିସ। ୨୦୧୯ରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ସଦର ପୋଲିସ ଚଢ଼ାଉ କରିଥିଲା। ସେହି ମାମଲାରେ ୨ ଜଣ ପୂର୍ବରୁ ଗିରଫ ହୋଇଥିବା ବେଳେ ନାବାଳକ ଫେରାର ହୋଇଯାଇଥିଲେ। ଜୟପୁର ସଦର ଥାନା ବାରିଣିପୁଟରେ ନାବାଳକଙ୍କ ଘର। ତାଙ୍କ ନାଁରେ ପୂର୍ବରୁ ବୈପାରୀଗୁଡ଼ା ଓ ଜୟପୁର ସଦର ଥାନାରେ ଚୋରି, ଡକାୟତି ଭଳି ମାମଲା ରହିଥିବା ସଦର ଥାନା ଅଧିକାରୀ ଶିବ ଶଙ୍କର ସାହୁ କହିଛନ୍ତି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯିବ।

# ଉଦୟ ପ୍ରତାପ ଡିଗ୍ରୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଶେରଗଡ଼,୨୫।୨(ଡି.ଏନ.ଏ.)



ମଞ୍ଚାସୀନ ଅତିଥି।

ଶେରଗଡ଼ ଉଦୟ ପ୍ରତାପ ଡିଗ୍ରୀ ଓ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ ଅଧକ୍ଷତା କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ବିନୋଦ ଚନ୍ଦ୍ର କର ଓ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଉପେନ୍ଦ୍ର ବାଡ଼ତ୍ୟାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ନିଜ ନିଜ ମହାବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା, ବ୍ଲକ ଅଧକ୍ଷ ସାରସ ସ୍ୱାଇଁ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଚିନିଶିଳ୍ପ ପରିଚଳନା ନିର୍ଦ୍ଦେଶକ ବିପିନ ବିହାରୀ ପାତ୍ର, ସରପଞ୍ଚ ଯାଜ୍ଞସେନୀ ପ୍ରଧାନ, ସମିତି ସଭ୍ୟ ସାଗରିକା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକର ସମସ୍ତ ସରପଞ୍ଚ ଓ ସମିତ ସଭ୍ୟଙ୍କୁ ନିମନ୍ତ୍ରଣ କରାଯାଇଥିଲା।

# ଶିଶୁ ଶ୍ରମିକ, ବାଲ୍ୟ ବିବାହ ରୋକିବାକୁ ଜୋର୍

## ଆମ ପୋଲିସ ପକ୍ଷରୁ ସଚେତନତା ସଭା

କୁନ୍ଦୁରା,୨୫।୨(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ଶାସ୍ତ୍ରୀ ମଇଦାନରେ ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କ ନେତୃତ୍ୱରେ ମଙ୍ଗଳବାର ଆମ ପୋଲିସ ଦ୍ୱାରା ଶିଶୁ ସୁରକ୍ଷା ଅଭିଯାନ ଓ ବାଲ୍ୟ ବିବାହ ଉପରେ ଏକ ସଚେତନତା ସଭା ହୋଇଛି। ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ଉପାଧକ୍ଷା ପଦ୍ମା ହରିଜନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ସିଡବ୍ଲୁସି ଅଧକ୍ଷା ଡ. ଗାୟତ୍ରୀ ଦେବୀ, ଆଇନଜୀବୀ କିଶୋର ମିଶ୍ର, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀ ମିନରବାଲିଆ, ଧନିରାମ ବାରିକ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା କନକଲତା ପେଣ୍ଡିଆ, ଏସ୍‌ଆଇ ଶିବ ରଣବିଦା ଯୋଗ ଦେଇଥିଲେ। ଏଥିରେ ଶିଶୁ ଶ୍ରମିକ, ବାଲ୍ୟ ବିବାହ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବାଲ୍ୟ ବିବାହ କରାଇଲେ ମା-ବାପାଙ୍କ ପାଇଁ ରହିଥିବା ଦଣ୍ଡବିଧାନ, ନାବାଳିକା ବିବାହ କଲେ ହେବାକୁ ଥିବା ଶାରୀରିକ ଅସୁସ୍ଥତା ବିଷୟରେ ଏଥିରେ ସଚେତନ କରାଯାଇଥିଲା। ଅଞ୍ଚଳର କାଜୁମିଲ୍‌ରେ ଅନେକ ଶିଶୁ ଶ୍ରମିକ କାମ କରୁଛନ୍ତି। ସପ୍ତାହକ ତଳେ ଜୟପୁର ବ୍ଲକ ପଲକାପୁଟର ଏକ କାଜୁମିଲ୍‌ରେ କାମ କରୁଥିବା ୩ ଜଣ ଶିଶୁ ଶ୍ରମିକଙ୍କୁ ସିଡବ୍ଲୁସି ଉଦ୍ଧାର କରିଥିଲା। ଏ ଦୁଇଟି ଦିଗରେ ସଚେତନତା ପାଇଁ କୁନ୍ଦୁରା ପୋଲିସର ଏଭଳି କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶିକ୍ଷା ହିଁ ବିକାଶର ମୂଳମନ୍ତ୍ର

ଗଞ୍ଜାମ,୨୫।୨(ଡି.ଏନ.ଏ.): ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମରେ ସରକାରଙ୍କ କସ୍ତୁରବା ଗାନ୍ଧିଙ୍କ କଳିକା ଆବାସିକ ବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ବିଡ଼ିଓ ଜ୍ୟୋତି ଶଙ୍କର ରାଏ ଯୋଗଦେଇ ଶିକ୍ଷା ହିଁ ବିକାଶର ମୂଳମନ୍ତ୍ର ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ପାଲିବନ୍ଧ ଗ୍ରାମପଞ୍ଚାୟତ ସରପଞ୍ଚ ଦିଲୀପ କୁମାର ଛଟରାଏ, ମୁଖ୍ୟବକ୍ତା ବିଇଓ ସୁବାସ ଚନ୍ଦ୍ର ଘଡ଼ାଇ, ଏସଏମ୍‌ସି ସଭାପତି ଧନୁ ବେହେରା, ସିଆର୍‌ସିସି ସୁରେନ୍ଦ୍ର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଭାରତୀୟ ମଜଦୁର ସଂଘ ପ୍ରତିଷ୍ଠାତାଙ୍କ ଜୟନ୍ତୀ

ବୁଗୁଡ଼ା,୨୫।୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ସ୍ଥାନୀୟ ଶ୍ରୀ ବଳଦେବ ସ୍ୱାମୀଙ୍କ ମନ୍ଦିର ପରିସରରେ ରବିବାର ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗଡ଼ୀଙ୍କ ଜନ୍ମ ଶତାବ୍ଦୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଙ୍ଗନୱାଡ଼ି କର୍ମୀ ସଂଘର ସଭାପତି ବାସନ୍ତୀ ପ୍ରଧାନ ଅଧକ୍ଷତା କରିଥିଲେ। ଜିଲା ଅଙ୍ଗନୱାଡ଼ି କର୍ମୀ ସଂଘର ସମ୍ପାଦିକା ମଞ୍ଜୁବାଳା ପାଣିଗ୍ରାହୀ, ରାଜ୍ୟ ସମ୍ପାଦିକା ଅମିତା ସାହୁ, ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ପ୍ରମୋଦ କୁମାର ସାହୁ ଏବଂ ଉପସଭାପତି ରାଜେନ୍ଦ୍ର ନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଠେଙ୍ଗଡ଼ୀଙ୍କ ଆଦର୍ଶ ଜୀବନୀ ଓ ତାଙ୍କର ସଂଘ ପ୍ରତି କର୍ତ୍ତବ୍ୟ ନିଷ୍ଠା ସମ୍ପର୍କରେ ଆଲୋଚନା କରିବା ସହ ସଂଘଠନକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଏକ ହେବାକୁ ଆହ୍ୱାନ ଦେଇଥିଲେ। ନୂତନ ଭାବେ ଗଠନ ହୋଇଥିବା ବ୍ଲକ ଅଙ୍ଗନୱାଡ଼ି କର୍ମୀ ସଂଘର କର୍ମକର୍ତ୍ତାଙ୍କ ପ୍ରତି ବୈଠକରେ ସହମତି ପ୍ରକାଶ ପାଇଥିଲା। ସଂଯୁକ୍ତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକ ସଂଘର ସମ୍ପାଦିକା ଅନିତା ମିଶ୍ର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂଘର ପ୍ରତିଷ୍ଠାତା ଠେଙ୍ଗଡ଼ୀଙ୍କ ଫଟୋଚିତ୍ରରେ ସଂଘ ତରଫରୁ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇଥିଲା।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଜି.ଉଦୟଗିରି,୨୫।୨(ଡି.ଏନ.ଏ.)

ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟଠାରେ ଦୀର୍ଘ ୧୨ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଶିବରାମ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଡିଓ ଶାନ୍ତନୁ କୁମାର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଏବିଇଓ ଲକ୍ଷୀକାନ୍ତ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ଜିଲା ସଂଯୋଜକ ତଥା ଆଞ୍ଚଳିକ ମହାବିଦ୍ୟାଳୟର ଶଙ୍କରାଖୋଲର ଅଧକ୍ଷ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇଥିଲେ। ଶିବିର ସଂଯୋଜିକା ତଥା ଅଧାପିକା ସସ୍ମିତା ଦାସଙ୍କ ସହିତ ଅଧାପିକା ଡ. ବବିତା ରାଣୀ ପଟ୍ଟନାୟକ, ମିନତି ଦାଶ, ସୁଧାରାଣୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୯୦ ଜଣ ଛାତ୍ରୀ ଭାଗ ନେଇଥିବା ବେଳେ ମାଷ୍ଟର ଟ୍ରେନର ମାନସୀ ପ୍ରଧାନ, ଅନୀତା ନାୟକ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ। ଅଂଶ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହିତ ଆତ୍ମସୁରକ୍ଷା ଗାଇଡ଼ ବହି ପ୍ରଦାନ କରାଯାଇଥିଲା

# ପକ୍ଷୀଙ୍କ ସ୍ୱରର ଅବିକଳ ନକଲ କରନ୍ତି ରବି

## ଲୁକ୍କାୟିତ ପ୍ରତିଭା

ଜୟପୁର,୨୫।୨(ନି.ପ୍ର.)



ପେସାରେ ଆମ୍ବୁଲାନ୍ସ ଡ୍ରାଇଭର। କିନ୍ତୁ ନିଶା ପକ୍ଷୀଙ୍କ ଶବ୍ଦର ନକଲ କରିବା। ଏଭଳି ପ୍ରତିଭା ରଖିଥିବା ଯୁବକ ଜଣକ ହେଉଛନ୍ତି ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆ ପଞ୍ଚାୟତର ରବି ହରିଜନ (୨୭)। ୧୨ ବର୍ଷ ହେବ ୧୨ରୁ ଅଧିକ ପକ୍ଷୀର ରାବ, ଟ୍ରାଫିକ ପୋଲିସର ହୁଇସିଲ, ରାତି ଜଗୁଥିବା ହୋମଗାର୍ଡଙ୍କ ହୁଇସିଲ, ଆମ୍ବୁଲାନ୍ସର ୨ ପ୍ରକାର ସାଇରନ ମଧ ପାଟି ଓ ହାତ ସାହାଯ୍ୟରେ ବଜାଇ ପାରୁଛନ୍ତି ରବି। ସେହିପରି ସେ କୋଇଲିର ୨ ପ୍ରକାର ରାବ, କୁମ୍ଭାଟୁଆ, ବଣି, ଶୁଆ, ଚିଲ, ଘରଚଟିଆ, ବଣଚଟିଆ ଭଳି ୧୨ ପ୍ରକାର ପକ୍ଷୀର ରାବକୁ ନକଲ କରିପାରୁଛନ୍ତି ରବି। ଏଭଳି ପ୍ରତିଭା ପାଇଁ ୨୦୦୮ରେ କୋରାପୁଟ ବିଏସ୍‌ଏଫ୍ ପକ୍ଷରୁ ରବିଙ୍କୁ ସମ୍ମାନିତ କରି ସିଲ୍ଡ ପ୍ରଦାନ କରାଯାଇଥିଲା। କୋରାପୁଟରେ ଯେଉଁ ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ ହେଉଛି, ସେଥିରେ ରବିଙ୍କ ଭଳି ଲୁକ୍କାୟିତ ପ୍ରତିଭାଙ୍କୁ ଖୋଜି ଲୋକଲୋଚନକୁ ଅଣାଯାଇ ନ ପାରିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଆମ୍ବୁଲାନ୍ସ ଡ୍ରାଇଭର ହୋଇ ରୋଗୀସେବାରେ ନିଜକୁ ନିୟୋଜିତ କରିଥିବା ରବିଙ୍କ ପାଖରେ ପ୍ରଶାସନ ପହଞ୍ଚି ତାଙ୍କୁ ଉତ୍ସାହିତ କରିବା ପାଇଁ ମତ ପ୍ରକାଶ ପାଇଛି। ରବି ସ୍ନେକ ହେଲ୍ପ ଲାଇନର ସଦସ୍ୟ ମଧ ଅଟନ୍ତି। କେଉଁଠି ସାପକୁ ଦେଖିଲେ ସେ ତାହାର କ୍ଷତି ନ କରି ତାକୁ ଉଦ୍ଧାର ପରେ ଉପଯୁକ୍ତ ସ୍ଥାନରେ ଛାଡ଼ିଥାନ୍ତି।

# କୋରାପୁଟରେ ଶିଳ୍ପର ବିକାଶ ଅଧିକ ସମୃଦ୍ଧି ଦେବ

## ନାଲ୍‌କୋ ପ୍ଲାଣ୍ଟ ବୁଲିଲେ କେନ୍ଦ୍ରମନ୍ତ୍ରୀ

ଦାମନଯୋଡ଼ି,୨୫।୨(ଡି.ଏନ୍.ଏ.)



ନାଲ୍‌କୋ ପ୍ଲାଣ୍ଟରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହୁ ଲୋକହିତକର ଯୋଜନା ହାତକୁ ନେଇଛନ୍ତି, ଯଦ୍ୱାରା ରାଜ୍ୟମାନେ ଅଧିକ ଲାଭ ଉଠାଇପାରିବେ। ଅନ୍ୟ ଖଣିଜ ସମ୍ପଦ ସହ ଓଡ଼ିଶାରେ ଦେଶର ୨୩ ପ୍ରତିଶତ କୋଇଲା ଅଛି। ନୂଆ ଯୋଜନାରେ ରୟାଲଟି ଆଦି ବିଭିନ୍ନ ବାବଦରେ ରାଜ୍ୟମାନେ ଅଧିକ ଅର୍ଥ ରାଶି ପାଇପାରିବେ। କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଭେଙ୍କଟେଶ ଯୋଶୀ ମଙ୍ଗଳବାର ଦାମନଯୋଡ଼ିସ୍ଥିତ ନାଲ୍‌କୋ ଗସ୍ତ ଅବସରରେ ଏହା କହିଛନ୍ତି। ନାଲ୍‌କୋର କର୍ମଚାରୀ, ଅଧିକାରୀଙ୍କ ସହ ଉପସ୍ଥିତ ରାଜ୍ୟ ସରକାରଙ୍କ ବିଭିନ୍ନ କର୍ମଚାରୀ, ଶ୍ରମିକ ସଂଗଠନ କର୍ମକର୍ତ୍ତାଙ୍କୁ ସେ ଉଦ୍‌ବୋଧନ ଦେଇ କହିଛନ୍ତି, କୋରାପୁଟ ଜିଲା ଖଣିଜ ସମ୍ପଦରେ ଭରପୁର। ତେଣୁ ଖଣିଭିତ୍ତିକ ଶିଳ୍ପର ଅଭିବୃଦ୍ଧି ଘଟିଲେ ଜିଲା ଅଧିକ ସମୃଦ୍ଧ ହେବ।

ଦିନିକିଆ ନାଲ୍‌କୋ ଗସ୍ତରେ ଆସି ମନ୍ତ୍ରୀ ଯୋଶୀ ପୂର୍ବାହ୍ନରେ ହେଲିକପ୍ଟର ଯୋଗେ ନାଲ୍‌କୋ ପଞ୍ଚପଟ୍ଟମାଳି ବକ୍ସାଇଟ ମାଇନ୍ସ (ଖଣି) ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ନାଲକୋ ଅଧିକାରୀ ଓ କର୍ମଚାରୀ ସଂଗଠନ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ପରେ ସିଆଇଏସ୍‌ଏଫ୍ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଏହା ପରେ ମନ୍ତ୍ରୀ ପଞ୍ଚପଟ୍ଟମାଳି ବକ୍ସାଇଟ ଖଣିର ଦକ୍ଷିଣ ବ୍ଲକ ପାଇଁ ନୂତନ କ୍ରଶର ଓ କନଭେୟର ବେଲ୍ଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରୁ ପୁଣି ଡ. ଆମ୍ବେଦକର ଷ୍ଟାଡିୟମରେ ଅବତରଣ କରିଥିଲେ। ପରେ ମନ୍ତ୍ରୀ ଯୋଶୀ ହନୁମାନ ବାଟିକା ଯାଇ ଏସିଆର ଦ୍ୱିତୀୟ ବୃହତ୍ତମ ଅଭୟ ଆଞ୍ଜନେୟଙ୍କ ପ୍ରତିମା ଦର୍ଶନ କରିଥିଲେ। ସେହିପରି ନାଲ୍‌କୋ ପ୍ଲାଣ୍ଟରେ ପହଞ୍ଚି କର୍ମଚାରୀ ସଂଗଠନ, ଅଧିକାରୀଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ବିଭିନ୍ନ କର୍ମଚାରୀ ସଂଗଠନ ତାଙ୍କୁ ଦାବିପତ୍ର ଦେଇଥିଲେ। ଗସ୍ତ ସମୟରେ ନାଲ୍‌କୋ ଅଧକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଉପସ୍ଥିତ ଥିଲେ।

DHARITRI




# ସରପଞ୍ଚଙ୍କ ଘରକୁ ବୋମାମାଡ଼ ଅଭିଯୋଗ

**କୁକୁଡାଖଣ୍ଡି,୨୫।୨(ଡି.ଏନ.ଏ.)**

କୁକୁଡାଖଣ୍ଡି ବ୍ଲକ ହୁଗୁଳାପଟା ସରପଞ୍ଚ ପ୍ରଦୀପ କୁମାର ମଲାଣଙ୍କ ବାଲାଜୀପଲ୍ଲୀ ସ୍ଥିତ ଘର ଉପରକୁ ସୋମବାର ବୋମାମାଡ଼ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଏଥିରେ କେହି ଆହତ ହୋଇନାହାନ୍ତି। ସରପଞ୍ଚଙ୍କ ଏତଲା କ୍ରମେ ପୋଲିସ ନଂ. ୫୬/୨୦ରେ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ୧୯୯୫ ଜୁଲାଇ ୧୨ ତାରିଖରେ କୌଣସି କାରଣରୁ ଗଙ୍ଗାଧର ଦାସ (୫୦) ଓ ତାଙ୍କ ସମ୍ପର୍କୀୟ ଭାଇ ଏକ ଖଣ୍ଡାରେ ସରପଞ୍ଚ ମଲାଣଙ୍କ ଭାଇ ଅନୁପ ମଲାଣଙ୍କୁ ହାଣି ହତ୍ୟା କରିଥିଲେ। ହତ୍ୟା ଅଭିଯୋଗରେ ଉଭୟଙ୍କୁ ଆଜୀବନ କାରାଦଣ୍ଡ ହୋଇଥିଲା। ପରେ ଗଙ୍ଗାଧର ୧ ବର୍ଷ ହେଲା ଜେଲରୁ ଆସିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗଙ୍ଗାଧର ସୋମବାର ରାତି ପ୍ରାୟ ୭ଟାରେ ସରପଞ୍ଚଙ୍କ ଘର ଉପରକୁ ୩ଟି ବୋମାମାଡ କରିଥିଲେ। ଏଥିସହ ଏକ ଖଣ୍ଡା ଧରି ଘରୁ ବାହାରିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସରପଞ୍ଚ ସଦର ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ନିମଖଣ୍ଡି ଫାଣ୍ଡି ଅଧିକାରୀ ଧୋବା ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ଗଙ୍ଗାଧର ଫେରାର ଥିବା ସୂଚନା ଦେଇଛନ୍ତି। ସୂଚନାଥାଉକି, ଗତ ଏକ ସପ୍ତାହ ତଳେ ସରପଞ୍ଚ ମଲାଣଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ କିଛି ୱାର୍ଡସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ପରେ ସରପଞ୍ଚ ନିଜ ବହୁମତ ସାବ୍ୟସ୍ତକରି ଅନାସ୍ଥା ଜିତି ନିଜ ପଦ ବଜାୟ ରଖିଥିଲେ।

# ଆଲିପୁର ସରପଞ୍ଚ ପଦବୀ ଅସିଦ୍ଧ ଘୋଷଣା

**ଆସିକା,୨୫।୨(ଡି.ଏନ୍.ଏ.)**

ଆସିକା ବ୍ଲକ ଆଲିପୁର ପଞ୍ଚାୟତ ନିର୍ବାଚନକୁ ନେଇ ହୋଇଥିବା ଏକ ମାମଲାର ବିଚାରକରି ମଙ୍ଗଳବାର ଆସିକାର ଅତିରିକ୍ତ ଜିଲାଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ସରପଞ୍ଚ ସନ୍ତୋଷ କୁମାର ଜେନାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିଛନ୍ତି। ଏଥିସହ ନିର୍ବାଚନରେ ସନ୍ତୋଷଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିବା ମନୋଜ କୁମାର ନାହାକଙ୍କୁ ସରପଞ୍ଚ ଭାବେ ଘୋଷଣା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୭ରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ସନ୍ତୋଷ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ତେବେ ତାଙ୍କର ୩ ସନ୍ତାନ ଥିବା ଦର୍ଶାଇ ପ୍ରତିଦ୍ୱନ୍ଦ୍ୱୀ ମନୋଜ ଆସିକା କନିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତରେ ଅଭିଯୋଗ କରିଥିଲେ । ଅଦାଲତ ଏହି ମାମଲାର ବିଚାର କରି ନିର୍ବାଚନକୁ ଅବୈଧ ଘୋଷଣା କରିବା ସହ ପୁନର୍ବାର ନିର୍ବାଚନ କରିବା ଲାଗି ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ରାୟକୁ ନେଇ ସନ୍ତୋଷ ଆସିକା ଅତିରିକ୍ତ ଜିଲା ଜଜ୍ଙ୍କ ଅଦାଲତରେ ଅପିଲ କରିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ମନୋଜ ମଧ୍ୟ କ୍ରସ ଅପିଲ ଦାଏର କରିଥିଲେ । ମଙ୍ଗଳବାର ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଜଜ୍ ନିମ୍ନ ଅଦାଲତ ଦେଇଥିବା ରାୟକୁ କାଏମ ରଖିବା ସହ ପ୍ରତିଦ୍ୱନ୍ଦ୍ୱୀ ମନୋଜଙ୍କୁ ସରପଞ୍ଚ ଭାବେ ଘୋଷଣା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ତୋଷଙ୍କ ପକ୍ଷରୁ ଆଇନଜୀବୀ ରବି କୁମାର ପାତ୍ର ଓ ମନୋଜଙ୍କ ପକ୍ଷରୁ ନାରାୟଣ ମୁନି ମାମଲା ପରିଚାଳନା କରୁଥିଲେ।

## ଗାଡ଼ି ଚୋରି, ଥାନାରେ ଏତଲା

**ଦିଗପହଣ୍ଡି,୨୫।୨(ଡି.ଏନ.ଏ.)**

ଦିଗପହଣ୍ଡି-ଘୋଡ଼ାହାଡ଼ ଡ୍ୟାମ ମୁଖ୍ୟରାସ୍ତାର ବିଦେଶୀ ମଦ ଦୋକାନ ନିକଟରେ ଫାଷ୍ଟଫୁଡ ଦୋକାନ କରିଥିବା ରାଜେନ୍ଦ୍ର ଗୌଡଙ୍କ ବାଇକ୍ ଚୋରି ହୋଇଥିବା ସୋମବାର ଦିଗପହଣ୍ଡି ଥାନାରେ ଅଭିଯୋଗ ହୋଇଛି। ନଂ.୩୬/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଶନିବାର ସନ୍ଧ୍ୟାରେ ତାଙ୍କ ଦୋକାନ ନିକଟରୁ କେହି ଦୁର୍ବୃତ୍ତ ଗାଡ଼ି ଚୋରିକରି ନେଇଯାଇଥିବା ଏତଲାରେ ଉଲ୍ଲେଖ ରହିଛି।

## ଡାକ୍ତରଖାନାରେ ଉନ୍ମତ୍ତକାଣ୍ଡ, ଅଭିଯୁକ୍ତ ଗିରଫ

ଆସିକା,୨୫।୨(ଡି.ଏନ୍.ଏ.)-ଆସିକା ଡାକ୍ତରଖାନାରେ ମଙ୍ଗଳବାର ଭଙ୍ଗାରୁଜା କରିବା ଓ ଡାକ୍ତର, କର୍ମଚାରୀଙ୍କୁ ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ନିଶାସକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଆସିକା କଲେଜ ଛକର ପଦ୍ମନାଭ ପାତ୍ର। ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ପଦ୍ମନାଭ ଡାକ୍ତରଖାନାରେ ପଶି ଡାକ୍ତର ଓ କର୍ମଚାରୀଙ୍କୁ ଧମକ ଦେବା ସହ ଭଙ୍ଗାରୁଜା କରିଥିବା ଡାକ୍ତର ମୋହନ ବାରିକ ଆସିକା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ. ୭୬/୨୦ରେ ଏକ ମାମଲା ରୁଜୁ କରିଛି।




# ଚୋରା ମଦ ବିକ୍ରି ବନ୍ଦ ଦାବି

**ଛତ୍ରପୁର,୨୫।୨(ଡି.ଏନ.ଏ)**

ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ଲଣ୍ଡାବାଉଁଶ ଗାଁରେ ଚୋରା ମଦ କାରବାର ଚାଲିଛି । ଏହା ବନ୍ଦ କରିବା ଦାବି ନେଇ ସୋମବାର ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗ୍ରାମବାସୀ ଛତ୍ରପୁର ଆସି ଜିଲା ଅବକାରୀ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ଜିଲା ଅବକାରୀ ଉପଅଧୀକ୍ଷକ ଅଭିରାମ ପଟ୍ଟନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଗାଁରେ ଏକ ବୈଠକ ଡକାଯାଇ ସେଠାରେ ଏହାର ତୁରନ୍ତ ସମାଧାନ କରାଯିବ । ଚୋରା ମଦ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅବକାରୀ ଉପଅଧୀକ୍ଷକ କହିଥିଲେ। ପୂର୍ବତନ ସମିତିସଭ୍ୟ ମଥୁରା ସୁବୁଦ୍ଧି, ବିଭୂତି ପ୍ରସାଦ ସୁବୁଦ୍ଧି, ଉପେନ୍ଦ୍ର ସାହୁ, ଶ୍ରୀଧର ନାହାକ, ବିଶ୍ୱନାଥ ନାୟକଙ୍କ ସମେତ ମହିଳା ସଂଘର ସଦସ୍ୟା ଓ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ